**ସଂକ୍ଷେପରେ**

## ରୋକାଯାଇ ପାରୁନି ଶବ୍ଦ ପ୍ରଦୂଷଣ

ନବରଙ୍ଗପୁର,୬।୨(ବି.ପ୍ର.): ଶବ୍ଦ ପ୍ରଦୂଷଣ ଉପରେ ରୋକ ଲଗାଇବା ପାଇଁ ବହୁ ବାର ପୋଲିସ ଓ ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଛି । ନବରଙ୍ଗପୁର ଭଳି ଛୋଟ ସହର ମଧ ଭାଗରେ ୨୬ ନମ୍ବର ଜାତୀୟ ରାଜପଥ ରହିଛି । ରାଜପଥର ଦୁଇ ପାର୍ଶ୍ୱରେ ରହିଛି ଜଗନ୍ନାଥ ମନ୍ଦିର, ଭଣ୍ଡାର ଘରଣୀ ମନ୍ଦିର, ହନୁମାନ ମନ୍ଦିର, ସତ୍ୟନାରାୟଣ ମନ୍ଦିର, ବାଲାଜୀ ମନ୍ଦିର । ସଙ୍କିର୍ଣ୍ଣ ରାଜପଥ ସହ ଗାଡି ମୋଟର ପାର୍କିଂ ବ୍ୟବସ୍ଥା ନଥିବାରୁ ରାସ୍ତାକଡରେ ହିଁ ପାର୍କିଂ କରାଯାଉଛି । ସଂଧ୍ୟାହେଲେ ଜନଗହଳି ପୂର୍ଣ୍ଣ ରାସ୍ତା ସହ ବିଭିନ୍ନ ଲୋକ ଧାର୍ମିକ ଭାବନାରେ ମନ୍ଦିର ଆଦି ଯିବା ଆସିବା କରୁଛନ୍ତି । ଏବେ ବିବାହ ଓ ଅନ୍ୟ କିଛି କାର୍ଯ୍ୟକ୍ରମରେ ବରଯାତ୍ରୀଙ୍କ ପାଇଁ ଡିଜେ ବ୍ୟବହାର କରାଯାଉଛି। ଏହା ଅତି ଉଚ୍ଚ ଶବ୍ଦରେ ବ୍ୟବହାର କରାଯାଉଛି। ଏଭଳିକି ଗାଡି , ମୋଟର ପାର୍କିଂ ଓ ଜନଗହଳୀ ରହିଥିଲେ ମଧ ରାସ୍ତା ଉପରେ ବିପଦ ସଙ୍କୁଳ ଭାବେ ବାଣ ଗୁଡିକ ଫୁଟା ଯାଉଛି । ବୃଦ୍ଧ, ବୃଦ୍ଧା ଓ ହୃଦ ରୋଗୀ ଓ ଟିଉସନରୁ ଯିବା ଆସିବା କରିବା ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଜାତୀୟ ରାଜପଥ ପାଶ୍ୱବର୍ତ୍ତି ଅଞ୍ଚଳରେ ଘର କରି ରହିଥିବା ଲୋକ ମଧ ଶବ୍ଦ ପ୍ରଦୂଷଣ ଓ ବାଣକୁ ନେଇ ଅତିଷ୍ଠ ହେଉଛନ୍ତି । ଏହା ସମେତ ଗାଡି ମୋଟର ଚଳାଚଳ ସମୟରେ ଟ୍ରାଫିକ ସମସ୍ୟା ମଧ ଦେଖା ଦେଉଛି । ଏନେଇ ଜିଲା ଆଇନଜୀବୀ ସଂଘ ଜିଲାପାଳ,ଏସପି, ଉପଜିଲାପାଳଙ୍କୁ ଅନେକ ଥର ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର କହିଛନ୍ତି । ମାଇକ ବଜାଇବା ପାଇଁ ଅନୁମତି ଆଣିବା ସମୟରେ ଶବ୍ଦ ପ୍ରଦୂଷଣ ପ୍ରତି ପ୍ରଶାସନ ପୂର୍ବ ସୂଚନା ଦେଇ ପରେ ଅନୁମତି ପ୍ରଦାନ କଲେ ଏହି ଭଳି ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି ଜନସାଧାରଣଙ୍କ ଠାରୁ ମତ ମିଳିଛି ।

## ଆତ୍ମରକ୍ଷା ତାଲିମ ଶିବିର

ସୋରଡ଼ା,୬।୨(ଡି.ଏନ.ଏ.): ପିସିଏମ୍ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ୧୪ ଦିନିଆ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଅଧକ୍ଷା ସଞ୍ଜୁକ୍ତା ପଣ୍ଡା ଓ ଅଧାପକ ରାଜେଶ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଶତାଧିକ ଛାତ୍ରୀ ସାମିଲ ହୋଇଥିଲେ। ଅଧାପକ ଏଲିଜା ପଟ୍ଟନାୟକ, ସସ୍ମିତା ପଣ୍ଡା ଶିବିର ପରିଚାଳନା କରୁଥିବାବେଳେ ଆସନ୍ତା ୧୭ ପର୍ଯ୍ୟନ୍ତ ଏହା ଚାଲିବ। ମଙ୍ଗଳବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏନ୍ଏସି ପୂର୍ବତନ ଅଧକ୍ଷା ସଂଘମିତ୍ରା ସ୍ୱାଇଁ ଯୋଗଦେଇ ଶୁଭାରମ୍ଭ କରିଥିଲେ।

# ୨ ନିଖୋଜ ନାବାଳିକାଙ୍କ ମିଳୁନି ପତ୍ତା

- ଘଟଣାକୁ ବିତିଲା ୩ ଦିନ
- ଗ୍ରାମରେ ପୋଲିସର ଛାନ୍‌ଭିନ୍
- ଆଶଙ୍କାରେ ପରିବାର ଲୋକ

ରାଇଘର,୬।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ପଖାନାଗୁଡ଼ାରେ ୨ ନାବାଳିକା ମଙ୍ଗଳବାର ଠାରୁ ନିଖୋଜ ଅଛନ୍ତି। ଘଟଣାକୁ ୩ ଦିନ ବିତି ଯାଇଥିଲେ ମଧ ପୋଲିସ ଏ ପର୍ଯ୍ୟନ୍ତ ନାବାଳିକାଙ୍କ କୌଣସି ପତ୍ତା ପାଉ ନାହିଁ। ୨ ନାବାଳିକାଙ୍କ ପରିବାର ଲୋକ ଏହାକୁ ନେଇ ନାନା ଆଶଙ୍କା ମଧରେ ରହିଛନ୍ତି। ରାଇଘର ବ୍ଲକ ଗୋନା ଗାଁର ପ୍ରକାଶ ପାଣ୍ଡେଙ୍କ ଝିଅ ଲକ୍ଷ୍ମୀ ମଙ୍ଗଳବାର ପରିବାର ସହିତ କସକଙ୍ଗା ପଞ୍ଚାୟତର ପଖାନାଗୁଡ଼ା ଗାଁରେ ଥିବା ମାମୁ ସିଜେନ ତିୱାରୀଙ୍କ ଘରକୁ ଯାଇଥିଲେ । ଅପରାହ୍ନ ୨ଟାରେ ସିଜେନଙ୍କ ଝିଅ ପଞ୍ଚବତୀ (୮) ଏବଂ ପ୍ରକାଶଙ୍କ ଝିଅ ଲକ୍ଷ୍ମୀ (୭)ଘର ନିକଟକୁ ବୁଲିବାକୁ ଯାଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ପଞ୍ଚବତୀ ଓ ଲକ୍ଷ୍ମୀଙ୍କୁ ଗାଁରେ ଦେଖିବାକୁ ମିଳିନଥିଲା । ପରିବାର ଲୋକ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ନାବାଳିକାଙ୍କ କୌଣସି ପତ୍ତା ମିଳି ନ ଥିଲା । ଶେଷରେ ପରିବାର ଲୋକେ କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ପଖନାଗୁଡ଼ା ଗ୍ରାମକୁ ପୋଲିସ ବାରମ୍ବାର ଯାଇ ତଦନ୍ତ କରିବା ପରେ ମଧ କିଛି ସୁରାକ ମିଳିନାହିଁ। ଗୁରୁବାର ଗ୍ରାମବାସୀ ଓ ପୋଲିସ ମିଳିତ ଭାବେ ପ୍ରତ୍ୟେକ ଘର ଯାଞ୍ଚ କରିଥିଲେ। ନାବାଳିକାଙ୍କ କୌଣସି ଖୋଜଖବର ମିଳୁ ନ ଥିବାରୁ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ଘର ଫାଟି ପଡୁଛି। ସୂଚନାଯୋଗ୍ୟ ଯେ, ଗତ ବର୍ଷ ଏହି ପଞ୍ଚାୟତରେ ମା’ ଓ ପୁଅଙ୍କ ଜିଭ କାଟି ହତ୍ୟା କରାଯାଇଥିଲା । ସେହି ଘଟଣା ଗ୍ରାମବାସୀଙ୍କ ମନରୁ ଲିଭି ନ ଥିବା ବେଳେ ପୁଣି ଦୁଇ ନାବାଳିକା ନିଖୋଜ ହେବା ନେଇ ଲୋକେ ଆଶଙ୍କା ମଧରେ ରହିଛନ୍ତି। ଅନ୍ୟପକ୍ଷରେ କୁନ୍ଦେଇ ପୋଲିସ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି।


ପଖାନାଗୁଡା ଗ୍ରାମରେ ପୋଲିସ ଛାନଭିନ କରୁଛି।

# ପରିବେଶ ବିଗାଡୁଛି ପଲିଥିନ

- କଟକଣା ନାହିଁ
- ଚାଲିଛି ଖୋଲାଖୋଲି ବ୍ୟବହାର
- ରାୟପୁରରୁ ଆସୁଛି ପଲିଥିନ

ଚନ୍ଦାହାଣ୍ଡି,୬।୨(ଡି.ଏନ୍.ଏ.)

ପଲିଥିନର ବ୍ୟାପକ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ସହରରେ ଆବର୍ଜନା ଭାବେ ସଂଗୃହିତ ପଲିଥିନଗୁଡିକରେ ନିଆଁ ଲଗାଇ ଦିଆଯାଉଛି। ଫଳରେ ଧୂଆଁ ବାହାରି ପରିବେଶ ପ୍ରତିବିପଦ ସୃଷ୍ଟି କରୁଛି। ଦୁଇବର୍ଷ ତଳୁ ରାଜ୍ୟ ସରକାର ପଲିଥିନ ଉପରେ କଟକଣା ଲଗାଇଥିବା ବେଳେ ଅକ୍ଟୋବର ଦୁଇ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା । କିନ୍ତୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ସରକାରଙ୍କ ଉକ୍ତ କଟକଣାକୁ କେହି ମାନୁ ନାହାନ୍ତି। ଏଠାରେ ପଡୋଶୀ ରାୟପୁରରୁ ଖୁଲମଖୋଲା ଭାବେ ପଲିଥିନ ଆଣି ବିକ୍ରି କରାଯାଉଛି। ଦୋକାନଗୁଡିକରେ ଗ୍ରାହକଙ୍କୁ ପଲିଥିନରେ ସଉଦା ଦିଆଯାଉଥିବା ବେଳେ ବଜାରରେ ମଧ୍ୟ ପଲିଥିନରେ ପରିବାପତ୍ର ବିକ୍ରି କରାଯାଉଛି । ଚା’ ଦୋକାନଠାରୁ ଆରମ୍ଭ କରି ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ସବୁଠି ବ୍ୟବହାର ହେଉଛି ପଲିଥିନ । ସରକାର ୫୦ଏମ୍ଏଲ୍‌ରୁ କମ୍ ପ୍ଲାଷ୍ଟିକ୍ ବୋତଲ ଉପରେ କଟକଣା ଲଗାଇଥିଲେ ମଧ୍ୟ ଏଠାରେ ୨୦୦ ଏମଏଲ୍‌ର ବିଭିନ୍ନ ମୃଦୁପାନୀୟ ବୋତଲ, ପାଣି ପାଉଚ, ମଦ ପାଉଚ ସବୁଠାରୁ ଅଧିକ ସମସ୍ୟା ସୃଷ୍ଟି କରୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିବାହ ଭୋଜିଗୁଡିକରେ ଖୁଲମଖୁଲା ପ୍ଲାଷ୍ଟିକ୍ ଗ୍ଲାସ ଓ ପାଣି ପ୍ୟାକେଟ ଯୋଗାଇ ଦିଆଯାଉଛି। ଆବର୍ଜନାରେ ରହୁଥିବା ପଲିଥିନ ଖାଇ ଗାଈଗୋରୁଙ୍କ ମୃତ୍ୟୁ ହେଉଛି । ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ପଲିଥିନ ପଡିବା ଦ୍ୱାରା ଏହା ବୃକ୍ଷଲତା ତଥା ପରିବେଶ ଉପରେ ପ୍ରଭାବ ପକାଉଛି । ସରକାର ପଲିଥିନ ନିଷେଧ ଲାଗି କଡାକଡି ନିୟମ ଲାଗୁ କରିଥିଲେ ମଧ ଏଠାରେ ତାହାର ତୀବ୍ର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ରାୟପୁରରୁ ପଲିଥିନ ଆଣି ଖୋଲାଖୋଲି ଭାବେ ବହୁ ବ୍ୟବସାୟୀ ଅଞ୍ଚଳର ଛୋଟ ଛୋଟ ଦୋକାନଗୁଡିକରେ ଯୋଗାଇ ଦେଉଛନ୍ତି। ଏହାକୁ ରୋକିବା ଲାଗି ପ୍ରଶାସନ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ପଲିଥିନ ବନ୍ଦ କରିବାକୁ ପକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି ।


ଆବର୍ଜନାରେ ପଡିଥିବା ପଲିଥିନ ଓ ପ୍ଲାଷ୍ଟିକ ବୋତଲ।

## ଚାକିରି ଦେବା ନାଁରେ ଠକେଇ ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

ନବରଙ୍ଗପୁର,୬।୨(ବି.ପ୍ର.)

ଚାକିରି କରାଇ ଦେବା ନାଁରେ ଏକ ଲକ୍ଷ ୪୦ ହଜାରଟଙ୍କା ଶରତ ଖଣ୍ଡପାଣି ଠକେଇ କରିଥିବା ନେଇ ନିଳାମ୍ବର ଦଣ୍ଡସେନା ବୁଧବାର ପାପଡାହାଣ୍ଡି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପାପଡାହାଣ୍ଡି ପୋଲିସ ଶରତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି । ତେବେ କୋର୍ଟରେ ଜାମିନ ନାମଞ୍ଜୁର କରିବା ପରେ ଜେଲ ହେପାଜତକୁ ପଠାଇ ଦେଇଛି । ଏନେଇ ପାପଡାହାଣ୍ଡି ଥାନାରେ ନଂ ୧୪/୨୦ରେ ମାମଲା ରୁଜୁ ହୋଇଛି । ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧିନ ଘାଟଗୁଡା ଗାଁର ନିଳାମ୍ବର ଦଣ୍ଡସେନା (୩୫), ପୁଷ୍କର ଭତରା ଓ ହରିହର ଭତରାଙ୍କୁ ଚାକିରି କରାଇ ଦେବା ନାଁରେ ପାପଡାହାଣ୍ଡି ଗାଁର ଶରତ ଖଣ୍ଡପାଣି ଏକ ଲକ୍ଷ ୪୦ ହଜାର ଟଙ୍କା ନେଇଥିଲେ । ଚାକିରି ଦେଇ ନ ଥିବା ବେଳେ ୧୮ ମାସ ହେବ ଟଙ୍କା ଫେରସ୍ତ କରି ନଥିଲେ। ନିଳାମ୍ବର ଅନେକଥର ଶରତକୁ ଟଙ୍କା ଫେରାଇ ଦେବାକୁ କହୁଥିଲେ ମଧ ବିଭିନ୍ନ ବାହାନା ଦେଖାଇ ଟଙ୍କା ଫେରାଉ ନଥିଲେ । ଏନେଇ ନିଳାମ୍ବର ବୁଧବାର ପାପଡାହାଣ୍ଡି ଥାନାରେ ଏତଲା ଦେଇଥିଲେ।

# ଜାତୀୟ କୃଷ୍ଣ ନିରାକରଣ ଦିବସ



ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

ଉମରକୋଟ,୬।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ଉମରକୋଟଠାରେ ଜାତୀୟ କୃଷ୍ଣ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏମଡିଟି ଔଷଧ ଖାଇଲେ କୃଷ୍ଣ ରୋଗ ଆରୋଗ୍ୟ ସାଧ ବୋଲି ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇଥିଲେ। ଏହି ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ, ଉପଜିଲାପାଳ ଭାସ୍କର ରଇତ ପତାକା ଦେଇଖା ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହେନ୍ଦ୍ର ବିଡିକା, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପଣ୍ଡା, ଡଃ ସୁକାନ୍ତ ଶତପଥୀ, ବିଡିଓ ଦେବୀ ପ୍ରସାଦ ଟାଲି, ଓକିଲ ରାମ ନାୟକ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଉପେନ୍ଦ୍ର ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃଷ୍ଣରୋଗ ସମ୍ପର୍କରେ ରଚନା ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ୩୦ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ଲାଭ କରିଥିବା ୪୫ ଜଣ କୃଷ୍ଣ ରୋଗୀଙ୍କୁ ପ୍ରଶାସନ ତରଫରୁ ଘରୋଇ ଉପକରଣ ଓ ୫୦୦୦ ଟଙ୍କା ସହାୟତା ଅତିରିକ୍ତ ଜିଲାପାଳ ପ୍ରଦାନ କରିଥିଲା।

# ସିଏଏ ସମର୍ଥନରେ ଭାଜପାର ସମ୍ପର୍କ ଅଭିଯାନ


କର୍ମୀମାନେ ଲୋକଙ୍କୁ ସଚେତନ କରାଉଛନ୍ତି।

ପାପଡାହାଣ୍ଡି,୬।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାରେ ଗୁରୁବାର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ସମର୍ଥନରେ ଭାଜପା ତରଫରୁ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସଭାପତି ଜଗଦୀଶ ବିଶୋୟୀ, ପୂର୍ବତନ ସଭାପତି ଗୋବିନ୍ଦ ଜୈନ, ପୂର୍ବତନ ଏମପି ପର୍ଶୁରାମ ମାଝୀ, ଜିଲା ଉପସଭାପତି ଜୟନ୍ତ କୁମାର ପାତ୍ର, ପାପଡାହାଣ୍ଡି ମଣ୍ଡଳ ସଭାପତି ମୋହନ ପାତ୍ର, ମହେଶ ପାତ୍ର, ହରି ପାଣିଗ୍ରାହୀ, କୈଳାଶ ପାଣିଗ୍ରାହୀ, ଅରୁଣ ବାହୁକ, ଦୀନବନ୍ଧୁ ବିଶୋୟୀ, ବାବୁଲି ପାଳ ସହ ଶତାଧିକ କର୍ମୀ ଜନସଚେତନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ରାସ୍ତା ରାସ୍ତା ଘର ଘର ବୁଲି ଲୋକଙ୍କୁ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ଆଇନର କାର୍ଯ୍ୟକାରିତା ଓ ଉପକାରିତା ନେଇ ଲୋକଙ୍କୁ ଅବଗତ କରାଇଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ଡାବୁଗାଁ, ୬।୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଗ୍ରାମରେ ଜଣେ ଯୁବକ ବେକରେ ଶାଢୀ ବାନ୍ଧି ଆତ୍ମହତ୍ୟା କରିଥିବା ନେଇ ଗୁରୁବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଗ୍ରାମ ପ୍ରଦୀପ ବିଶ୍ୱାସ (୨୦) ବୁଧବାର ରାତିରେ ନିଜ ବାପା ଓ ମା’ ଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ରାତିରେ ସମସ୍ତେ ରାତି ଭୋଜନ କରିବା ପରେ ଶୋଇପଡିଥିଲେ । ପ୍ରଦୀପ ମଧ ଶୋଇବା ପାଇଁ ନିଜ କୋଠରୀକୁ ଯାଇଥିଲେ। ସକାଳୁ ପ୍ରଦୀପଙ୍କ ମା’ ପୂର୍ଣ୍ଣିମା ବିଶ୍ୱାସ ତାଙ୍କୁ ଉଠାଇବାକୁ ଯାଇ ଡ଼ାକିଥିଲେ। କିନ୍ତୁ ପ୍ରଦୀପ ଉତ୍ତର ଦେଇନଥିଲେ ଓ ଭିତରପଟୁ କବାଟ ଦିଆଯାଇଥିଲା । ସେ ଝରକା ପଟୁ ଡାକିବାକୁ ଯାଇ ଦେଖିଥିଲେ ଯେ ତାଙ୍କ ପୁଅ ପ୍ରଦୀପ ବେକରେ ଏକ ଶାଢୀ ବାନ୍ଧି ଘରର ଦୁଲମରେ ଝୁଲୁଛି। ଏହାପରେ ସେ ପାଖ ପଡୋଶୀ ଓ ଗ୍ରାମବାସୀମାନଙ୍କୁ ଡ଼ାକିଥିଲେ। ଏନେଇ ମୃତକଙ୍କ ଭିଣୋଇ ବିଦ୍ୟୁତ ବିଶ୍ୱାସ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ସବଇନ୍ସପେକ୍ଟର ଫକୀର ମୋହନ ଖୁରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲେ । ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ନଂ ୪/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ବିଡିଓ ଧର୍ମରାଜ ମାଝିଙ୍କୁ ଯୁବକବି ସମ୍ମାନ


କବିତା ସଙ୍କଳନକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଚନ୍ଦାହାଣ୍ଡି,୬।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଧର୍ମରାଜ ମାଝିଙ୍କୁ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ମୁକ୍ତାକାଶ ଉତ୍ସବ ‘କାକର’ କାର୍ଯ୍ୟକ୍ରମରେ ଯୁବକବୀ ସମ୍ମାନରେ ସମ୍ମାନିତ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ବ୍ଲକ ଅଧକ୍ଷା ଗିତାରାଣୀ ସମର୍ଥ, ବିଡିଓ ସତ୍ୟ ନାରାୟଣ ମେହେର, ଡାକ୍ତର ମନୋଜ କିଶୋର ନାୟକ, ଓକିଲ ସଂଘ ସଭାପତି ନରସିଂହ ତ୍ରିପାଠୀ ଯୋଗ ଦେଇଥିଲେ। ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା ଅଧକ୍ଷତା କରିଥିଲେ। ବିଡିଓ ମାଝିଙ୍କ ଲିଖିତ କବିତା ସଙ୍କଳନ ପୁସ୍ତକ ‘ସ୍ମୃତି ତୁମେ ଇନ୍ଦ୍ରଧନୁ’କୁ କାର୍ଯ୍ୟକ୍ରମରେ ଅତିଥିମାନେ ଉନ୍ମୋଚନ କରିଥିଲେ।

## ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

ପାପଡାହାଣ୍ଡି /ମଇଦଲପୁର, ୬।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାଝୀଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମର ହେମନ୍ତ ବିଶୋଇଙ୍କ ଭାଇ ଘନ ବିଶୋୟୀଙ୍କ ଘରେ ଗ୍ୟାସ ଲିକରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଆସବା ପତ୍ର ଗୁରୁବାରପୋଡି ନଷ୍ଟ ହୋଇଯାଇଛି । ଏଥିରେ ଘନଙ୍କ ପତ୍ନୀ ପୁଷ୍ପାଞ୍ଜଳୀ ଆହତ ହୋଇଛନ୍ତି । ସକାଳେ ରୋଷେଇ କରିବା ସମୟରେ ଗ୍ୟାସ ଲିକ ହୋଇଥିଲା। ସଙ୍ଗେ ସଙ୍ଗେ ନିଆଁ ଲାଗି ଯାଇ ନିକଟରେ ଥିବା ଖଟ, ଟିଭି, ପୋଷାକ,ଟଙ୍କା ଓ ଅନ୍ୟାନ୍ୟ ଆସବା ପତ୍ର ସହ ଦୋକାନ ଘର କିଛି ଜିନିଷ ପୋଡି ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ପୁଷ୍ପାଞ୍ଜଳୀଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି ।

**PARADIP PORT TRUST**
**E-TENDER CALL NOTICE**
Name of the work : **Upkeeping of Railway Yard inside Harbour area (From ATBK-II Level Crossing to Cargo Berth Area) for the year 2020-21.** Estimated cost : **Rs. 81,43,561/-.** Last date & time of submission : **Dt. 22.02.2020 up to 17:00 Hrs.** Refer our website for details:**https://eprocure.gov.in/eprocure/app.**
**Executive Engineer**
**PPT/PR/651/19-20 Date : 06.02.2020**

**PARADIP PORT TRUST**
**E-TENDER CALL NOTICE**
Name of the work : **“Providing Assistance in various works under Engineering Department on job work basis-Roads & Building Division”.** Estimated Cost : **Rs. 88,38,960/-.** Last Date & time of submission of Bid: **20.02.2020 at 17:00 Hrs.** For details please refer our website : **https://eprocure.gov.in/eprocure/app.** **Executive Engineer, Roads & Building Division**
**PPT/PR/665/19-20, Dt.06.02.2020**

**ପୂର୍ବ ତଟ ରେଳପଥ**
**‘ଇ’ କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ.ECoRCONTP192003, ତା. 03.02.2020
ନିମ୍ନଲିଖିତ ଟେଣ୍ଡର ଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପଲୋଡ୍ କରିଦିଆଯାଇଛି ।
ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମେଟାଲ ଲାଇନର T-8616 ଏବଂ T-8617, [ମେଟାଲ ଲାଇନର ଏକ ସେଟ୍‌ରେ T-8616-1 ଗୋଟି ଏବଂ T-8617-1 ଗୋଟି ]
ପରିମାଣ : 1384849 ସେଟ୍ ।
ବନ୍ଦ ହେବା ତାରିଖ ଓ ସମୟ : ତା.28.02.2020ରିଖ 1200 ଘଟିକାରେ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-120/CC/19-20

# ଡାବୁଗାଁରେ ମାଘ ମଣ୍ଡେଇ

ଡାବୁଗାଁ,୬।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାଠାରେ ଆଦିବାସୀଙ୍କ ପର୍ବ ମାଘ ମଣ୍ଡେଇ ଗୁରୁବାର ପାଳିତ ହୋଇଯାଇଛି । ତୁରୀ, ବାଦ୍ୟ, ଢୋଲ, ମାଦଳ ବାଦ୍ୟର ତାଳେତାଳେ ଶେଷ ହୋଇଛି ଏହି ଉତ୍ସବ । ଏଥିରେ ଡାବୁଗାଁ ବ୍ଲକ ସମେତ ଆଖପାଖ ୧୦୦ ଟି ଗ୍ରାମରୁ ଲାଠି, କୁର୍ସି ଓ ପାଲିଙ୍କି ଅଣାଯାଇ ଭୈରବ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା । ଅପରାହ୍ନରେ ସମସ୍ତ ଲାଠି, କୁର୍ସି ମା’ ଦୁଲ୍ଲାରଦେଇ ମନ୍ଦିରରୁ ବାହାରି ନଗର ପରିକ୍ରମା କରି ଭୈରବ ମନ୍ଦିରରେ ଏକତ୍ରିତ ହୋଇଥିଲେ । ପୂଜାରୀ ଶିରାମାନେ ସାଜସଜା ହୋଇ ଖଣ୍ଡା ଧରି ନୃତ୍ୟ ପରିବେଷଣ କରିଥିଲେ। ଲାଠି, କୁର୍ସି, ଶିରା, ଦିଶାରିମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରି ମନ୍ଦିରଠାରେ ପହଞ୍ଚିଥିଲେ । ରାତ୍ରିରେ ଭକ୍ତମାନଙ୍କର ମନୋରଞ୍ଜନ ପାଇଁ ଦେଶିଆ ନାଟକ ‘ମୋ ପ୍ରେମ ଆଜି ନିଲାମ ହେଲା ’ ଓ ‘ଲକ୍ଷେ ଟଙ୍କାର ସାନ ବୋହୁ’ ଭଳି ୨ ଟି ନାଟକ ପରିବେଷଣ ହୋଇଥିଲା। ଶୁକ୍ରବାର ଲାଠି ,କୁର୍ସି ଓ ଶିରା ପୂଜାରୀ ମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯିବ । ଏଥିରେ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ସୁରେନ୍ଦ୍ର କୁମାର ମିଶ୍ର, ଏମ. ଆପ୍ପା ରାଓ, ଜି.ସାଇ ରାଜୁ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ମଣ୍ଡେଇ ଯାତ୍ରା ପରିଚାଳନା କମିଟି ସଭାପତି ଅଶୋକ ସୌରା, ଉପସଭାପତି ସତ୍ୟ ରଞ୍ଜନ ପାତ୍ର, ସମ୍ପାଦକ ପାପନ୍ନା ରେଲି, କୁନୁ ପାତ୍ର, ତରଣୀ ରେଲି, ସୁରେନ୍ଦ୍ର ରେଲି, ପ୍ରମୁଖ ପରିଚାଳନା କରିଥିଲେ ।


ଲାଠି, କୁର୍ସିଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଉଛି।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8447703551 9971793786



ଟିକିଏ ଟିକିଏ ଭଦ୍ରାମି ଜୀବନକୁ ମଧୁମୟ କରିଦିଏ।
-ସେକ୍ସପିୟର



## ସଂକ୍ଷେପରେ



### କେନ୍ଦୁଗୁଡ଼ାରେ ସମ୍ପର୍କ ଶିବିର

ପଦ୍ମପୁର,୬।୨(ଡି.ଏନ୍.ଏ.): ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡ଼ା ହାଟପା ଗାଁରେ ଆଇଟିଡିଏ ଗୁଣପୁର ଦ୍ୱାରା ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ପର୍କ ଶିବିରରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିରେ ବିଡିଓ ଦୟାମୟ ପାଢ଼ୀ, ବ୍ଲକ ଅଧକ୍ଷ ରମାକାନ୍ତ ମାଝି, ଜିଲା ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଗୁଣପୁର ଅତିରିକ୍ତ ଉପଖଣ୍ଡ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି, କୃଷ୍ଣାନନ୍ଦ ବେହେରା, କୃଷି ବିଭାଗ ଅଧିକାରୀ ଦୀପକ ପୃଷ୍ଟି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ସସ୍ମିତା ରଥ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପ୍ରମିଳା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ବିଭାଗ ବିହନ ବିକ୍ରୟ ଅଧିକାରୀ ଦାଶରଥି ସେନାପତି ଓ ଶ୍ରୀନିବାସ ଆଚାରୀ ମଞ୍ଚ ପରିଚାଳନା କରିଥିଲେ। ଖିଲାମୁଣ୍ଡା ଓ ବସନ୍ତ ଦେବୀ ବିଦ୍ୟାପୀଠର ଛାତ୍ରୀମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଶିବିରରେ ବହୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଦେବାଶିଷ ମିଶ୍ର ଓ ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।



### ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ

ଗୁଣପୁର,୬।୨(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଅରୋଶ୍ରୀ ବିହାରଠାରେ ଶ୍ରୀ ଅରିବନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ୧୮ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପାରଳାଖେମୁଣ୍ଡି ଶ୍ରୀ ଅରବିନ୍ଦ ପାଠଚକ୍ରର ଉନା ସୀମାଞ୍ଚଳ ଯୋଗଦେଇ ମାତୃ ପତାକା ଉତ୍ତୋଳନ କରିଥିଲେ। ଏଥିଲାଗି ଆୟୋଜିତ ଆଲୋଚନାଚକ୍ରରେ ଅନୁଷ୍ଠାନର ସମ୍ପାଦକ ସୁଦର୍ଶନ ପୃଷ୍ଟି ସଭାପତିତ୍ୱ କରିଥିଲେ। ବୃନ୍ଦାବତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କୋରାପୁଟ ଶ୍ରୀ ଅରବିନ୍ଦ ଭବନର ସାଧକ ମମତା ସାମଲ ଯୋଗଦେଇ ପୂର୍ଣ୍ଣ ଯୋଗର ବିଶେଷତ୍ୱ ଉପରେ କହିଥିଲେ। ପାରଳାଖେମୁଣ୍ଡି ଶିକ୍ଷାକେନ୍ଦ୍ର ସମ୍ପାଦକ ବିଜୟ କୁମାର ମୁନି ପାଠଚକ୍ରର ଆବଶ୍ୟକତା ଓ କୋରାପୁଟ ଶିକ୍ଷାକେନ୍ଦ୍ରର ମୀନକେତନ ସାହୁ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପୀଠର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଅନୁଷ୍ଠାନ ସଭାପତି ଯୋଗେନ୍ଦ୍ର ନାରାୟଣ ଦେଓ କୃତଜ୍ଞତା ଜ୍ଞାପନ କରିଥିଲେ।

# ନାରୀ ସାହସୀ ହେଲେ ସମାଜ ସୁରକ୍ଷିତ

ପଦ୍ମପୁର,୬।୨(ଡି.ଏନ୍.ଏ.)



ଶିବିରରେ ମଞ୍ଚାସୀନ ଅତିଥି।

ନାରୀ ସାହସୀ ହେଲେ ନିଜ ସୁରକ୍ଷା ସହ ସମାଜକୁ ସୁରକ୍ଷିତ ରଖିବାରେ ସହାୟକ ହୋଇପାରିବ । ବର୍ତ୍ତମାନ ସମାଜରେ ନାରୀ ଅସୁରକ୍ଷିତ ଭାବରେ ଅନ୍ୟାୟ ଅତ୍ୟାଚାର ସହ୍ୟ କରି ମୁଣ୍ଡ ପାତି ସହିଯାଉଛି, ତାହାର କଡା ଜବାବ ଦେଇପାରିବ । ସେଥିଲାଗି ଆତ୍ମସୁରକ୍ଷା ତାଲିମ ନେବା ଜରୁରୀ। ଗୁରୁବାର ପଦ୍ମପୁରସ୍ଥିତ ଆର.ଜି. କଲେଜରେ ଅନୁଷ୍ଠିତ ଆତ୍ମସୁରକ୍ଷା ତାଲିମ ଶିବିରରେ ମଞ୍ଚାସୀନ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ପଦ୍ମପୁର ସରପଞ୍ଚ ପୁଣ୍ୟାବତୀ ମାଣ୍ଡାଙ୍ଗି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଇ କିଭଳି ନିଜ ସୁରକ୍ଷା କାର୍ଯ୍ୟରେ ଲଗାଇ ପାରିବେ, ସେନେଇ ଆର.ଜି. ମହାବିଦ୍ୟାଳୟ ଅଧକ୍ଷ ଉଦୟଚନ୍ଦ୍ର ସାହୁ କହିଥିଲେ । ଯୁକ୍ତ ୨ ସଂଯୋଜକ ରାମନାଥ ସାହୁ, ଯୁକ୍ତ ୩ ସଂଯୋଜିକା ଅଧ୍ୟାପିକା ସଂଯୁକ୍ତା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାସ୍ତାରେ ଗର୍ତ୍ତ, ଲୋକେ ହନ୍ତସନ୍ତ

ଚନ୍ଦ୍ରପୁର,୬।୨(ଡି.ଏ.ନ.ଏ)


ରାସ୍ତାରେ ହୋଇଥିବା ଗର୍ତ୍ତ।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମା ତେଲେଙ୍ଗାପଦର ଛକଠାରୁ ଚନ୍ଦ୍ରପୁର ବ୍ଲକ ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଲୋକେ ଉକ୍ତ ରାସ୍ତା ଦେଇ ଯାଆସ କରିବାରେ ଅସୁବିଧା ଭୋଗୁଛନ୍ତି । ଏଠାରେ ଦୁର୍ଘଟଣା ଘଟିବା ଦୃଷ୍ଟିରେ ରଖି ଅଞ୍ଚଳବାସୀ ଉକ୍ତ ଗର୍ତ୍ତରେ ପଥର ରଖିଛନ୍ତି । ୨୦୧୯ ମାର୍ଚ୍ଚରେ ତେଲେଙ୍ଗାପଦର ଛକଠାରୁ ମାତ୍ର ୨ କିମି ରାସ୍ତାରେ ଏକ ଛୋଟ ପୋଲ ନିର୍ମାଣ କରାଯାଇଥିଲା । ଏଥିସହ ରାସ୍ତାପାର୍ଶ୍ୱରେ ଏକ ସୁରକ୍ଷା ପାଚେରି ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି । ହେଲେ ଅଦ୍ୟାବଧି ଏକ ବର୍ଷ ନ ପୂରୁଣୁ ଗର୍ତ୍ତ ସୃଷ୍ଟି ହୋଇ ରାସ୍ତାର ଅବସ୍ଥା ସଂକଟାପନ୍ନ ଅବସ୍ଥାରେ ରହିଛି ବୋଲି ସ୍ଥାନୀୟ କୁରୁମାଯୋଡ଼ି ଗ୍ରାମର ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ପ୍ରଟିକା, ଦୟାନିଧି ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି । ପୂର୍ତ୍ତ ବିଭାଗ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ରାୟଗଡ଼ା କଲେଜରେ ଯୋଗ ଶିବିର

ରାୟଗଡ଼ା ଅଫିସ,୬।୨

ରାୟଗଡ଼ା ସ୍ୱୟଂଶାସିତ କଲେଜରେ ଏକ ଯୋଗ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହରିଦ୍ୱାରରୁ ଆସିଥିବା ରାଜା ଭାଇ ନାମକ ଜଣେ ଯୋଗ ଗୁରୁ ରାୟଗଡ଼ା ଜିଲାରେ ପ୍ରଚାର ଦାୟିତ୍ୱରେ ଥିବା କିଶୋର ଭାଇ ନାମକ ଯୋଗଗୁରୁ ବିଭିନ୍ନ ପ୍ରକାରର ଯୋଗ ଏବଂ ଏହାର ସୁଫଳ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ । ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତି ଏବଂ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅଶୋକ କୁମାର ସାହୁ ଉପସ୍ଥିତ ରହିବା ସହ ଆଜିର ଏହି ଶିବିରରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଶିକ୍ଷା ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆଶିଷ କୁମାର ସାହୁ ପରିଚାଳନା କରିଥିଲେ ।

# ସ୍ୱାମୀ ଛୁରା ମାଡ଼ରେ ସ୍ତ୍ରୀ ଗୁରୁତର

ଜେକେପୁର, ୬।୨ (ଡ଼ି.ଏନ.ଏ)

ଜେକେପୁରସ୍ଥିତ ଚାନ୍ଦିଲି ଥାନା ଅନ୍ତର୍ଗତ ଭାଟିପଡ଼ା ଗ୍ରାମରେ ବନବାସୀ ନାଏକ ନାମକ ଜଣେ ଯୁବକ ତାଙ୍କ ପତ୍ନୀ ସୁନା ନାୟକଙ୍କୁ ଛୁରାମାଡ଼ କରିଛନ୍ତି । ଏଥିରେ ସୁନା ଗୁରୁତର ହୋଇଛନ୍ତି । ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ବନବାସୀ ଫେରାର ହୋଇଯାଇଛନ୍ତି । ଗତ ମଙ୍ଗଳବାର କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବନବାସୀ ଏକ ଛୁରି ସାହାଯ୍ୟରେ ସୁନାଙ୍କୁ ଭୁସି ଦେଇଥିଲେ । ଫଳରେ ସେ ଗୁରୁତର ହୋଇଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ରାୟଗଡ଼ା ମେଡ଼ିକାଲକୁ ନେଇଥିଲେ । ସୁନାଙ୍କ ବଡ଼ ଭଉଣୀ କଳାହାଣ୍ଡିରୁ ଆସି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏନେଇ ଏକ ମାମଲା(୨୬/୨୦) ରୁଜୁ କରି ତଦନ୍ତ ଚଳାଇଛି । ସେମାନଙ୍କ ବିବାହକୁ ୫ ବର୍ଷ ବିତିଲାଣି । କିନ୍ତୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟ ଝଗଡ଼ା ହେଉଥିବାରୁ ବାରମ୍ବାର ଥାନାର ଦ୍ୱାରସ୍ଥ ହେଉଥିଲେ। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ପ୍ରକାଶ କରିଛନ୍ତି ।

# ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ଗୁଣପୁର,୬।୨(ଡି.ଏନ.ଏ)

ସ୍ଥାନୀୟ ବଂଶଧାରା ବ୍ରିଜ ବାଲି ପଠାରୁ ବେଆଇନ ଭବେ ଚାଲାଣ ହେଉଥିବା ବାଲି ବୋଝେଇ ଟ୍ରାକ୍ଟରକୁ ଗୁରୁବାର ଗୁଣପୁର ଉପଜିଲାପାଳ ଜବତ କରିଛନ୍ତି। ପରେ ତାହାକୁ ଗୁମୁଡା ଫାଣ୍ଡିଠାରେ ଅଟକ ରଖାଯାଇଛି । ଉଭୟ ଗାଡ଼ିରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ରାମନାଗୁଡା ଅତିରିକ୍ତ ତହସିଲଦାର ଫର୍ନାଡିସ ଏକ୍କା ପ୍ରକାଶ କରିଛନ୍ତି । ବଂଶଧାରା ନଦୀର ଭାମିନୀ ଅଞ୍ଚଳରୁ ଗୁଣପୁରକୁ ୨ଟି ବାଲି ବୋଝେଇ ଟ୍ରାକ୍ଟର ଆସୁଥିବାବେଳେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଜବତ କରିଥିଲେ । ଗାଡିଗୁଡିକ ରୟାଲିଟି ଫର୍ମ ନ ଥାଇ ବାଲି ଚାଲାଣ କରାଯାଉଥିବା ଜଣା ପଡିବା ପରେ ସେଗୁଡିକ ଜବତ କରାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠିଛି ବେଆଇନ ବାଲି ଚାଲାଣ କେବଳ ଉପଜିଲାପାଳଙ୍କ ନଜରକୁହିଁ କାହିଁକି ଆସୁଛି। ବିଭିନ୍ନ ବ୍ଲକରେ ତହସିଲଦାରଙ୍କଠାରୁ ଆରମ୍ଭ କରି କ୍ଷେତ୍ର କର୍ମଚାରୀମାନେ କାର୍ଯ୍ୟରତ ଅଛନ୍ତି । ସେମାନଙ୍କ ନଜରକୁ ଏପରି ବେଆଇନ ବାଲି ଚାଲାଣ କାହିଁକି ଆସୁନାହିଁ। ଗୁଣପୁରରେ ମଧ୍ୟ କିଛି ମାସ ତଳେ ଉପଜିଲାପାଳ ହିଁ ବେଆଇନ ବାଲି ଚାଲାଣ ଗାଡିଗୁଡିକୁ ଜବତ କରିଥିଲେ ।

# ରାଧାକୃଷ୍ଣ ମନ୍ଦିରର ବାର୍ଷିକ ଉତ୍ସବ


ରାଧାକୃଷ୍ଣ ମନ୍ଦିରରେ ସଂକୀର୍ତ୍ତନ କରାଯାଉଛି।

ରାୟଗଡ଼ା ଅଫିସ, ୬।୨

ରାୟଗଡ଼ାର ଖେତାନାଙ୍କି ତୋଟାଠାରେ ଥିବା ଶ୍ରୀ ରାଧାକୃଷ୍ଣ ମନ୍ଦିରର ୨୮ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପୁରୀରୁ ଆସିଥିବା ମହନ୍ତ କୃଷ୍ଣ ଗୋବିନ୍ଦ ଦାସ ଶାସ୍ତ୍ରୀ ମହାରାଜାଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ପରିଚାଳିତ ହୋଇଛି। ଏହି ଅବସରରେ ଅଷ୍ଟପ୍ରହର ଏବଂ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା । ସତ୍‌ସଙ୍ଗର ମହିଳା ଓ ବାଙ୍କ ଚାହାଣି ସଂକୀର୍ତ୍ତନ ମଣ୍ଡଳି ଉପସ୍ଥିତ ରହି ନାମ ସଂକୀର୍ତ୍ତନକୁ ପରିଚାଳନା କରିଥିଲେ। ନାମ ସଂକୀର୍ତ୍ତନ କରି ନଗର ପରିକ୍ରମା କରାଯାଇଥିଲା । ଏହାପରେ ଏକ ଦହିହାଣ୍ଡି ଭଙ୍ଗା ଯାଇଥିଲା। ମହନ୍ତଙ୍କ ମୁଖରୁ କୃଷ୍ଣ ପ୍ରେମ କଥା ଶ୍ରୀମଦ୍ ଭାଗବତ ମହାପୁରାଣ ଶୁଣି ଦର୍ଶକ ମାନେ ଭାବ ବିହ୍ୱଳ ହୋଇ ଯାଇଥିଲେ । ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ

ଟିକିରି,୬।୨(ଡ଼ି.ଏନ.ଏ)

କାଶୀପୁର ବ୍ଲକ ଚମ୍ପାଯୋଡ଼ି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚମ୍ପାଯୋଡ଼ି, ମୁଣ୍ଡାଗାଁ, ମାଳିଗାଁ, ନୂଆଗାଁ, ହାଡ଼ିଗୁଡ଼ା ଓ ଟିକିରି ଏହିପରି ୬ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ । ଏଥିସହିତ ଗ୍ରାମର ଚକ୍ରଧର ନାୟକ, ଜଗଦୀଶ ପୂଜାରୀ, ଗୁଣନିଧି ପୂଜାରୀ, ଲିଙ୍ଗରାଜ ନାୟକ, ବିଶ୍ୱନାଥ ଦଣ୍ଡସେନା, ଭବାନୀ ନାୟକ ସହଯୋଗ କରିଥିଲେ।

# ଜଗଦମ୍ବା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କୋଲନରା, ୬।୨(ଡ଼ି.ଏନ.ଏ)

ରାୟଗଡା ଜିଲା କୋଲନରା ବ୍ଲକ ସଦର ମହକୁମାସ୍ଥିତ ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜିକା ଅନାସ୍ତେସିଆ କେରକେଟା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ. ଶିବଗୋପାଳ ରାଓ, ବ୍ଲକ ଶିକ୍ଷା ଅଧିକାରୀ ଏମ. ଖଗେଶ୍ୱରରାଓ, ଜିଲା ବିଜ୍ଞାନ ପରିଦର୍ଶକ ମନୋଜ କୁମାର ଗୌଡ, ଏସଆରସିଏସ ଉଚ୍ଚ ବିଦ୍ୟାଳୟ ହାଟମୁନିଗୁଡା ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପରିଡା ସମ୍ମାନିତ ଅତିଥି, ଜିତମ ମହାବିଦ୍ୟାଳୟ ଅଧକ୍ଷ ରାଜେଶ କୁମାର ପାଢୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯେଉଁମାନେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିଲେ, ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଲନରା ସରପଞ୍ଚ ମଞ୍ଜୁଳା ଉଲ୍ଲାକା, ଏସଏମସି ଉପସଭାପତି କିଲାନୀ ଅନୁରାଧା, ଅବସରପ୍ରାପ୍ତ ଶିକ୍ଷକ ଅଖିଳାନନ୍ଦ ବେବର୍ତ୍ତା, ଗୋପାଳ ଚନ୍ଦ୍ର ପାଢୀ, ମଙ୍ଗଳୁ ଚରଣ ତ୍ରିପାଠୀ, ଶ୍ରୀଚରଣ ଦାଶ, କିରାଣି ପ୍ରତାପ ଚନ୍ଦ୍ର ଗୌଡ, ଶଶିଭୂଷଣ ରଥ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନଙ୍କ ଦ୍ୱାରା କଳିକା ଗୁଚ୍ଛ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀନିବାସ ପଟ୍ଟନାୟକ, ଦେବେନ୍ଦ୍ର ଦୋରା, ଦାଶରଥି ଆଚାର୍ଯ୍ୟ, ୱାର୍ଡେନ ମାନସୀ ମିଶ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷରେ ଶିକ୍ଷକ ଦେବେନ୍ଦ୍ର ଦୋରା ଧନ୍ୟବାଦ ଦେଇଥିଲେ ।

# ଜୀବନ ଦକ୍ଷତା ବୃଦ୍ଧି କର୍ମଶାଳା

ରାୟଗଡ଼ା ଅଫିସ,୬।୨



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨ ଦିନ ଧରି ମହିଳା ସେଲ ତରଫରୁ ଜୀବନ ଦକ୍ଷତା ବୃଦ୍ଧି କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହା ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ ଏବଂ ଗ୍ରାମ ତରଙ୍ଗର ସହଯୋଗ କ୍ରମେ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ରାୟଗଡ଼ା କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତି ଉଦ୍‌ଘାଟନ କରିଥିଲେ। ମହିଳା ସେଲ ଆବାହିକା କୃଷ୍ଣପ୍ରିୟା ସାହାନୀଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ମୋଟ ୧୨୦ ଜଣ ଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ଭିତରେ ବ୍ୟକ୍ତିତ୍ୱର ବିକାଶ , ଜ୍ଞାନର ବୃଦ୍ଧି , ଆତ୍ମନିର୍ଭରଶୀଳତା ନେଇ ଆଲୋଚନା ହୋଇଥିଲା । ମହିଳାମାନେ କିପରି ଆତ୍ମନିର୍ଭର ଶୀଳ ହେବେ , ବର୍ତ୍ତମାନର ପ୍ରତିଯୋଗିତାମୂଳକ ସମାଜରେ କିପରି ନିଜର ଆତ୍ମନିର୍ଭରଶୀଳ ବଢ଼ାଇବା ସହ ନିଜକୁ କିପରି ଅବସ୍ଥାପିତ କରିବେ ଏବଂ ସମାଜରେ ନିଜର ପରିଚୟ ସୃଷ୍ଟି କରିବେ, ସେନେଇ ଶିକ୍ଷା ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ପ୍ରାଧ୍ୟାପିକା ଭି. ଆର ରତ୍ନଶ୍ରୀ , ପ୍ରାଧ୍ୟାପିକା ବବିଲତା ସରଫ, ପୂଜା ପଟ୍ଟନାୟକ , ବିଜୟ ଲକ୍ଷ୍ମୀ ଚୌଧୁରୀ , ଶ୍ରୁତି ଦିପାଳୀ ସାମଲ , ଦୀପିକା ପଟ୍ଟନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଗୁଣପୁର,୬।୨(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟ ଠାରେ ଗୁରୁବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ଡ.ସୁଜାତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ମୁରଲୀଧର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଏହା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଅଧ୍ୟାପିକା ସସ୍ମିତା ବାଉରି, ଜି.ପାବନୀ ପରିଚାଳନାରେ ସହଯୋଗ କରିଥିଲେ । ମାଷ୍ଟର ଟ୍ରେନର ଭାବେ ଅଭିଗାଲ ଶବର, ମମିତା ଶବର, ସ୍ୱପ୍ନା ବିଡିକା ଓ ଭାଗ୍ୟବତୀ ଶବର ପ୍ରମୁଖ ତାଲିମ ପ୍ରଦାନ କରିବେ । ୨୫୦ ଜଣ ଛାତ୍ରୀ ତାଲିମରେ ଭାଗ ନେଇଛନ୍ତି ।

# ଇନ୍ଦ୍ରଧନୁଷ୍ କାର୍ଯ୍ୟ ତଦାରଖ କଲେ ଅଧିକାରୀ

ପଦ୍ମପୁର, ୬।୨ (ଡି.ଏନ୍.ଏ.)


ଅଧିକାରୀମାନେ ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝୁଛନ୍ତି।

ରାୟଗଡ଼ା ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ 'ମିଶନ ଇନ୍ଦ୍ରଧନୁଷ୍' କିଭଳି କାର୍ଯ୍ୟ କରୁଛି ସେନେଇ ପଦସ୍ଥ ଅଧିକାରୀମାନେ ଗୁରୁବାର ତଦାରଖ କରିଛନ୍ତି । ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲା ଏଡିଏମ୍‌ଓ (ଏଫ୍‌ଡବ୍ଲ୍ୟୁ) ଡାକ୍ତର ଶ୍ରୀ ରାୟ, ଡିଏମ୍‌ଆର୍‌ସିଏଚ୍ ଭଗବାନ ମେହେର, ଡିଡିଏଚ୍ ଦେବାଶିଷ ସାହୁ ପ୍ରମୁଖ ଡେରିଗାଁ ପଞ୍ଚାୟତର ଆମ୍ବିଲେସ୍ ଗ୍ରାମକୁ ଯାଇଥିଲେ । ସେଠାରେ ଶିଶୁଙ୍କ ଟିକାକରଣ, ଅଙ୍ଗନୱାଡି, ଆଶା କର୍ମୀଙ୍କ କାର୍ଯ୍ୟଦକ୍ଷତା ତଥା ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ପଚାରି ବୁଝିଥିଲେ । ଏଥିସହ ଗ୍ରାମାଞ୍ଚଳରେ କିଭଳି ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରୁଛି ସେନେଇ ବୁଝିଥିଲେ। ପରେ ଅଧିକାରୀମାନେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରିଥିଲେ । ଏଥିସହ ପରିମଳ ବ୍ୟବସ୍ଥା ବୁଲି ଦେଖିଥିଲେ । ପରେ ପ୍ରସୂତି ଗୃହକୁ ଯାଇ ତଦାରଖ କରିଥିଲେ । ଗର୍ଭବତୀ କିଭଳି ଉଚିତ ଚିକିତ୍ସା ପାଉଛି ସେନେଇ କର୍ମଚାରୀମାନଙ୍କୁ ପଚାରିଥିଲେ । ଏଥିସହ କାର୍ଯ୍ୟାଳୟର ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ପଦ୍ମପୁର ମେଡିକାଲର ବହୁ କର୍ମଚାରୀ ଓ ଅଫିସର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ

କାଲିମେଳା,୬।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅଧୀନ ମାନ୍ୟମକୋଣ୍ଡା ପଞ୍ଚାୟତର ଏମ୍‌ପିଭି-୪୨ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗାଁର ଜୟଦେବ ମାଲାକାର(୪୦)। ସନ୍ଧ୍ୟା ବେଳେ ଜୟଦେବ ଘର ପାଖ କାଠ ଗଦା ଉପରେ ବସି ଫୋନ କରୁଥିବା ସମୟରେ ଏକ ବିଷଧର ସାପ ତାଙ୍କ ପାଦକୁ କାମୁଡି ଥିଲା। ପରିବାର ଲୋକେ ଏହା ଜାଣିପାରି ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଟ୍ରାକ୍ଟର ଚକ ମାଡ଼ିଯାଇ ଶ୍ରମିକ ମୃତ

ଝୁମ୍ପୁରା, ୬।୨ (ଡି.ଏନ.ଏ.)

ବାରିଆ ଥାନାଞ୍ଚଳ ଅନ୍ତର୍ଗତ ଚକୁଲିଆ ଗ୍ରାମର ଷ୍ଟୋନ କ୍ରସର ପାଖରେ ଟ୍ରାକ୍ଟର ଉପରୁ ଖସି ପଡିବାରୁ ଟ୍ରାକ୍ଟର ଚକ ମାଡିଯାଇ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକଙ୍କ ନାମ ପେଟରା ନାଏକ। ତାଙ୍କ ଘର ଝୁମ୍ପୁରାରେ ହୋଇଥିବାବେଳେ, ଟ୍ରାକ୍ଟର ମଧ ଝୁମ୍ପୁରାର ବୋଲି ଜଣାପଡିଛି। ପ୍ରକାଶ ଯେ, ଟ୍ରାକ୍ଟର ଡାଲାରେ ଶ୍ରମିକମାନେ ବସିଥିବା ବେଳେ, ଚକୁଲିଆ ଗ୍ରାମରୁ ଦ୍ରୁତଗତିରେ ଗୁରୁବାର ସନ୍ଧ୍ୟା ସମୟରେ ଝୁମ୍ପୁରା ପଟକୁ ଆସୁଥିଲା। ଗ୍ରାମବାସୀଙ୍କ ସୂଚନା ପରେ ବାରିଆ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଟ୍ରାକ୍ଟରଟି ନମ୍ବର ବିହିନ ହୋଇଥିବା ବେଳେ, ଟ୍ରାକ୍ଟରର କାଗଜପତ୍ର କିଛି ନ ଥିବା ପୋଲିସ ସୂତ୍ରରୁ ଜଣା ପଡିଛି। ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୧/୨୦୨୦) ରୁଜୁ କରିଛି

### ଟ୍ରକ ଡ୍ରାଇଭରଙ୍କୁ ଗୁଳିମାଡ଼ ଅଭିଯୋଗ

ଚମ୍ପୁଆ, ୬।୨(ଡି.ଏନ.ଏ): ଚମ୍ପୁଆ ନିକଟବର୍ତ୍ତୀ ଝାଡ଼ଖଣ୍ଡ ଅଞ୍ଚଳରେ ଏକ ମାଲବାହୀ ଟ୍ରକ ଡ୍ରାଇଭରଙ୍କ ଉପରକୁ ଦୁର୍ବୃତ୍ତମାନେ ଗୁଳି ଚଳାଇବା ସହିତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ପାଖରେ ଥିବା ୨୩ ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁସାରେ ଡ୍ରାଇଭର ସନୁ ଯାଦବ ଏକ ଟ୍ରକ ନେଇ ବଡ଼ବିଲରୁ ଖଡ଼ଗପୁର ଯାଉଥିବାବେଳେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ତାଙ୍କ ଦେହରେ ଗୁଳିଟି ଘସିହୋଇ ପଳାଇଥିବା ବେଳେ ଦୁର୍ବୃତ୍ତମାନେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗାଡ଼ିରେ ଥିବା ଟଙ୍କା ଲୁଟି ନେଇଥିଲେ। ଗୁରୁବାର ସକାଳୁ ଡ୍ରାଇଭର ସନୁ ଉକ୍ତ ଗାଡ଼ିକୁ ଚମ୍ପୁଆ ଅଞ୍ଚଳରେ ରଖିଥିବାବେଳେ ସ୍ଥାନୀୟ ଲୋକ ପଚାରିବାରୁ କହିବା ସହିତ ତାଙ୍କ ଉପରକୁ ଆକ୍ରମଣ ହୋଇଥିବା ଗୁଳି ମଧ ଦେଖାଇଥିଲେ। ବର୍ତ୍ତମାନ ସୁଦ୍ଧା ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

### ପ୍ରଧାନଶିକ୍ଷକ ନିଲମ୍ବିତ

ହାଟଡିହୀ,୬।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଦଲକି ଉଚ୍ଚ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ପୀତବାସ ପ୍ରଧାନଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ବିଇଓ କ୍ଷୀରୋଦ କୁମାର ତ୍ରିପାଠୀ ନିଲମ୍ବନ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ କାର୍ଯ୍ୟରେ ଅବହେଳା, ସମାନ ଦିନରେ ଏସଏମସି କମିଟିରୁ ବିଭିନ୍ନ ସମୟରେ ପୁରୁଣା କର୍ମକର୍ତ୍ତାଙ୍କୁ ହଟାଇ ନୂତନ କର୍ମକର୍ତ୍ତା ଚୟନ କରିବା, ନୂତନ କମିଟି ବାବଦରେ ଉଚ୍ଚ ଅଧିକାରୀଙ୍କୁ ନ ଜଣାଇବା, ବେନିୟମ ଭାବେ ନୂତନ କମିଟି ଜରିଆରେ ସରକାରୀ ଅର୍ଥ ଉଠାଣ କରିବା ଅଭିଯୋଗରେ ପୀତବାସଙ୍କୁ ସସ୍‌ପେଣ୍ଡ କରାଯାଇଛି। ପୂର୍ବରୁ ଶିକ୍ଷକ ପ୍ରଧାନଙ୍କ ବିରୋଧରେ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ପରେ ବିଇଓ ଏହାର ତଦନ୍ତ କରିଥିଲେ। ଏସମ୍ପର୍କରେ ପୀତବାସ ପ୍ରଧାନ କହିଛନ୍ତି ଯେ, କୌଣସି ବେନିୟମ କାର୍ଯ୍ୟ ମୁଁ କରିନି।

# ଶିକ୍ଷାର ମାନ, ଆନୁଷଙ୍ଗିକ ବ୍ୟବସ୍ଥା ସମୀକ୍ଷା

## ୭ ଆଦର୍ଶ ବିଦ୍ୟାଳୟର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ

ପାରଳାଖେମୁଣ୍ଡି/କାଶୀନଗର, ୬।୨(ସ୍ୱ.ପ୍ର./ଡି.ଏନ୍.ଏ.)


ସମୀକ୍ଷା ବୈଠକରେ କମିଟର ଅଧକ୍ଷ ଭୂପିନ୍ଦର ସିଂ, ସଭ୍ୟ ଶଙ୍କର ଓରାମ, ବିଧାୟକ ଓ ଅନ୍ୟମାନେ।

### ଷ୍ଟାଣ୍ଡିଂ କମିଟିର ଗଜପତି ଗସ୍ତ

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଷ୍ଟାଣ୍ଡିକମିଟିର ଅଧକ୍ଷ ଭୂପିନ୍ଦର ସିଂଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ଗୁରୁବାର ଗଜପତି ଜିଲା ଗସ୍ତରେ ଆସି ଶିକ୍ଷାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି। ଟିମ୍‌ରେ କମିଟିର ଅଧକ୍ଷ ସିଂଙ୍କ ସମେତ ସଭ୍ୟ ତଥା ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ୍ ରହିଥିଲେ। ଉଭୟେ ପ୍ରଥମେ ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ସେଠାରୁ କାଶୀନଗର ବ୍ଲକ୍ ଗସ୍ତରେ ଯାଇଥିଲେ। ଟିମ୍ ଅଲଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିବା ସହ କଲେଜ ଛାତ୍ରମାନଙ୍କ ସହ ଆଲୋଚନା ମଧ କରିଥିଲେ। ବିଦ୍ୟାଳୟ ଅଧକ୍ଷା ସନ୍ତୋଷିନୀ ପାଢି ବିଦ୍ୟାଳୟର ଆନୁଷଙ୍ଗିକ ଭିତ୍ତିଭୂମି ବାବଦରେ ଷ୍ଟାଣ୍ଡିଂ କମିଟିକୁ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ କମିଟି ସମ୍ମୁଖରେ ବିଦ୍ୟାଳୟର ବିବିଧ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ସ୍କୁଲ ନିକଟକୁ ରାସ୍ତା ତଥା ପାଚେରୀ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବି ବୋଲି କମିଟିର ଅଧକ୍ଷ ସିଂ ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ପରିଦର୍ଶନବେଳେ ଟିମ୍ ସହ ଗଜପତି ଡିଇଓ ପ୍ରଦୀପ କୁମାର ନାଗ, ଏଡିଇଓ ତଥା ଏବିଇଓ, ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ।

ପରେ ଟିମ୍ ପାରଳାଖେମୁଣ୍ଡିସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଜିଲାରେ ଶିକ୍ଷାର ମାନ, ଆନୁସାଙ୍ଗିକ ବ୍ୟବସ୍ଥା, ଆବାସିକ ବିଦ୍ୟାଳୟ ଗୁଡ଼ିକର ପରିଚାଳନା ବିଷୟରେ ଡିଇଓ ଏବଂ ବିଇଓମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ବିଶେଷକରି ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷାକରି କିପରି ଶିକ୍ଷାର ମାନ ବୃଦ୍ଧିକରିବେ, ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ସେହିପରି ଉପାନ୍ତ ଅଞ୍ଚଳରେ ରହିଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି, ସେ ବିଷୟରେ ସିଡିଏମ୍‌ଓ ଡା. ଗୁନୁରାଣୀ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ୭ ବ୍ଲକ୍‌ରେ ୭ ଆଦର୍ଶ ବିଦ୍ୟାଳୟ ରହିଥିବାବେଳେ ସମସ୍ତ ବିଦ୍ୟାଳୟ ଯେପରି ସଫଳତାର ସହ କାର୍ଯ୍ୟକରିବ, ସେ ନେଇ ପରାମର୍ଶ ଦେଇଥିଲେ। ଆଦର୍ଶ ବିଦ୍ୟାଳୟରେ ୱାର୍ଡେନ ନିଯୁକ୍ତି, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ବିଷୟରେ ମଧ ବୁଝିଥିଲେ। ଜିଲାର ବିଭିନ୍ନ କଲେଜରେ ଆନୁଷଙ୍ଗିକ ବ୍ୟବସ୍ଥା ଓ ପରିଚାଳନା ବିଷୟରେ ମଧ ଆଲୋଚନା କରାଯାଇଥିଲା। ପାରଳାଖେମୁଣ୍ଡି ସ୍ଥିତ ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧାପକଙ୍କ ଅଭାବ ବିଷୟରେ ପଚରାଯିବାରୁ ସେଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଥିଲା। ସେହିପରି ବିଭିନ୍ନ ହଷ୍ଟେଲ୍‌ର ନିର୍ମାଣ କାର୍ଯ୍ୟ ଠିକ୍ ଭାବେ କରିବାକୁ ପୂର୍ତ୍ତ ବିଭାଗକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ଜିଲାପରିଷଦ ଅଧକ୍ଷା ଅନୀତାରାଣୀ ବେହେରା, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଜିଲାପାଳ ଅନୁପମ ଶାହା, ଡିଇଓ ପ୍ରଦୀପ କୁମାର ନାଗଙ୍କ ସମେତ ବିଭିନ୍ନ କଲେଜର ଅଧକ୍ଷ, ବିଇଓ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ଗୋଷାଣୀ,୬।୨(ଡି.ଏନ୍.ଏ.)

### ଧାନ ରଖୁନି ମଣ୍ଡି

ଗଜପତି ଜିଲାରେ ୨୦୧୯ ଡିସେମ୍ବରରେ ଧାନମଣ୍ଡି ଆରମ୍ଭ ହୋଇଥିଲା। କିଛି ଦିନ ପରେ ଗୋଷାଣୀ ସମବାୟ ସମିତି ଅଧୀନରେ ଥିବା ଚାଷୀଙ୍କୁ ଟୋକେନ୍ ଦିଆଯାଇଥିଲା। ଏହାକୁ ନେଇ ଚାଷୀମାନେ ପ୍ରଥମ ପର୍ଯ୍ୟାୟରେ ନିଜର ଅମଳ ଧାନ ଦେଇଥିଲେ। ଏବେ ବଳକା ଧାନ ମଣ୍ଡିରେ ଦେବା ପାଇଁ ଯିବା ସମୟରେ ତାଲିକାରେ ନାମ ନ ଥିବା ସମିତି ପକ୍ଷରୁ କୁହାଯିବା ସହ ଧାନ ଗ୍ରହଣ କରି ନ ଥିଲେ। ଯଦ୍ୱାରା ଚାଷୀମାନେ ନିରାଶ ହୋଇ ବିଭିନ୍ନ ଅଧିକାରୀଙ୍କ ନିକଟକୁ ଯାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେମାନେ ବାଧ ହୋଇ ଗୁରୁବାର ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଏ ନେଇ ଜିଲା ଯୋଗାଣ ଅଧିକାରୀ ଏମ୍. ଏମ୍. ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ପ୍ରଥମ ପର୍ଯ୍ୟାୟରେ ଚାଷୀ ଧାନ ଦେଇଛନ୍ତି, ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମଧ ସେମାନଙ୍କୁ ଡକାଯିବ ବୋଲି କହିଛନ୍ତି।

# ଗୋଷାଣୀ ଓଏଲ୍ଏମ୍ ମହାସଂଘ ଗଠିତ

ଗୋଷାଣୀ,୬।୨(ଡି.ଏନ୍.ଏ.)


ବୈଠକରେ ସଂଘର ମହିଳାମାନେ।

ଓଡ଼ିଶା ଜୀବିକା ମିଶନର ଗୋଷାଣୀ ପଞ୍ଚାୟତ ସ୍ତରୀୟ ମହାସଂଘ ଗୁରୁବାର ଗଠିତ ହୋଇଛି। ଏ ନେଇ ଗୋଷାଣୀ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ୍ ପ୍ରକଳ୍ପ ପରିଚାଳିକା ମମତା ରାଉଳ, ବ୍ଲକ୍ ଜୀବିକା ମିଶନ ସଂଯୋଜକ ମାନସ କୁମାର ପାଣିଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମିତି କ୍ରମେ ସଭାନେତ୍ରୀଭାବେ ପୀଙ୍କି ନାୟକ, ଉପସଭାନେତ୍ରୀ ସସ୍ମିତା ଜେନା, ସମ୍ପାଦିକା ତେଜସ୍ୱୀନି ବିଶୋୟୀ, ଉପ ସମ୍ପାଦିକା କସ୍ତୁରୀ ପାତ୍ର, କୋଷାଧକ୍ଷ ରୂପେ ସସ୍ମିତା ପାତ୍ରଙ୍କୁ ଚୟନ କରାଯାଇଥିଲା। ଶେଷରେ ସଭାପତି ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥାକୁ ନେଇ ବିଗିଡ଼ିଲେ ବିଧାୟକ

କାଶୀନଗର,୬।୨(ଡି.ଏନ.ଏ.)



ବୈଠକରେ ବିଧାୟକ କେ. ନାରାୟଣ ରାଓ, ବ୍ଲକ୍ ଅଧକ୍ଷ, ବିଡିଓ ଓ ଅନ୍ୟମାନେ।

କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମିତିର ମୁଖ୍ୟ ତଥା ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓଙ୍କ ସମେତ ବ୍ଲକ୍ ଅଧକ୍ଷ ଚିତ୍ରୀ ସିମାଦ୍ରୀ, ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ମେଡିକାଲ ଇନଚାର୍ଜ ଡା. ପାର୍ଥସାରଥୀ ବେହେରା, ଡା. ନିହାର ରଞ୍ଜନ ସାହୁ, ବିପିଏମ୍ ପି. ଈଶ୍ୱରୀଆମ୍ମା, ସଦସ୍ୟ କେ. ରାମାରାଓ ଉପସ୍ଥିତ ରହି ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥାକୁ ନେଇ ବିଧାୟକ ବିରକ୍ତି ପ୍ରକାଶ କରିଥିଲେ। ରୋଗୀସେବା ଠିକ୍ ଭାବେ ନ ହେବା ଏବଂ ଅଧିକାଂଶ ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ନେଇ ବାରମ୍ବାର ଅଭିଯୋଗ ହୋଇଥିବା ବିଧାୟକ ବୈଠକରେ ପ୍ରକାଶ କରିଥିଲେ। ଏ ବିଷୟରେ ସେ ସିଡିଏମଓ ଡା. ଗୁନୁରାଣୀ ପଟ୍ଟନାୟକଙ୍କ ସହ ଆଲୋଚନା କରିବି ବୋଲି କହିବା ସହ ଠିକ୍ ଭାବେ ରୋଗୀସେବା କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଉଥିବାବେଳେ ଲୋକଙ୍କୁ ସଚେତନ କରାଯାଉ ନ ଥିବାରୁ ରୋଗୀ ଉପକୃତ ହୋଇପାରୁ ନ ଥିବା ବହୁ ଜନସାଧାରଣ ଓ ବୁଦ୍ଧିଜୀବୀ ମତପ୍ରକାଶ କରିଥିଲେ। ଏଥିସହ ସଚେତନତା ମାଧମରେ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦାବି ଜଣାଇଥିଲେ।

# ୧୫ରୁ ନେସ୍କୋର ବିଦ୍ୟୁତ୍‌କାଟ ଅଭିଯାନ

ଘସିପୁରା,୬।୨(ଡି.ଏନ.ଏ.):

ଆନନ୍ଦପୁର ନେସ୍କୋ ଡିଭିଜନ ଅଧୀନ ଉପଭୋକ୍ତା ମାନଙ୍କ ବିଦ୍ୟୁତକାଟ ଅଭିଯାନ ଆସନ୍ତା ୧୫ତାରିଖ ଠାରୁ ଆରମ୍ଭ ହେବ। ଏହି ଡିଭିଜନ ଅଧୀନରେ ଥିବା ଆନନ୍ଦପୁର, ଘସିପୁରା, ହାଟଡିହି, ଘଟଗାଁ, ହରିଚନ୍ଦନପୁର ଓ ଆନନ୍ଦପୁର ପୌରାଞ୍ଚଳରେ ଥିବା ଉପଭୋକ୍ତା ମାନଙ୍କ ମଧରୁ ଯେଉଁ ମାନଙ୍କ ବକେୟା ଦେୟ ପଇଠ କରାଯାଇ କାର୍ଯ୍ୟାନୁଷ୍ଠାନ ଭାବେ ସେହି ଉପୋଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ନେସ୍କୋ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ମିସ୍ତ୍ରୀ କହିଛନ୍ତି। କମ୍ପାନୀ ପକ୍ଷରୁ ମିଳିଥିବା ସୂଚନାନୁସାରେ ବର୍ତ୍ତମାନ ଏହି ଡିଭିଜନ ଅଧୀନରେ ଥିବା ପ୍ରାୟ ୧ଲକ୍ଷ ୧୦ହଜାର ସାଧାରଣ ଘରୋଇ ଉପଭକ୍ତାଙ୍କ ଉପରେ୧୧୭କୋଟି ୩୫ଲକ୍ଷ ଟଙ୍କା, ୩ହଜାର ୨୦୬ ବ୍ୟବସାୟିକ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଉପରେ ୯କୋଟି ୯ଲକ୍ଷ ଟଙ୍କା ଏବଂ ୨୮୪ ଶିଳ୍ପ ଅନୁଷ୍ଠାନ ଉପରେ ୮୦ ଲକ୍ଷ ଟଙ୍କା ବକେୟା ରହିଛି। ଅପରପକ୍ଷେ ବିଭିନ୍ନ ସରକାରୀ ସଂସ୍ଥା ଉପରେ ମଧ ୬କୋଟି ୧୯ଲକ୍ଷ ଟଙ୍କା ବକେୟା ରହିଥିବା ସୂଚନା ଦିଆଯାଇଛି।

# ମଣ୍ଡି ସମସ୍ୟା ନେଇ ଆନ୍ଦୋଳନ ସଫଳ ହୋଇଛି: ଭାଜପା

ପାରଳାଖେମୁଣ୍ଡି,୬।୨(ସ୍ୱ.ପ୍ର.)

କୃଷକଙ୍କ ଧାନମଣ୍ଡି ସମସ୍ୟାକୁ ନେଇ ଗଜପତି ଜିଲା ଭାଜପା ପକ୍ଷରୁ ଗତ ୪ ତାରିଖରେ କରାଯାଇଥିବା ବିକ୍ଷୋଭ ଓ ଶୋଭାଯାତ୍ରା ସଫଳ ହୋଇଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏ ନେଇ ଗୁରୁବାର ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ କହିଛନ୍ତି। ବିକ୍ଷୋଭ ଶୋଭାଯାତ୍ରା ପରେ ସରକାରଙ୍କ ପକ୍ଷରୁ ନୂତନ ଭାବେ ଗଜପତି ଜିଲାରୁ ୧ଲକ୍ଷ ୪୯ହଜାର ୨୫୩ କୁଇଣ୍ଟାଲ୍ ଧାନ କ୍ରୟ କରାଯିବ ବୋଲି ନିର୍ଦ୍ଦେଶ ହୋଇଛି। ଏହାଦ୍ୱାରା ଜିଲାର ଧାନ ଚାଷୀ ଉପକୃତ ହେବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ତେବେ ଯାନବାହାନ ଯାଞ୍ଚ ଦିଗରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମନମୁଖୀ ଶାସନ ବିରୋଧରେ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଗାମୀ ଦିନରେ ଜିଲା ଭାଜପା ପୁଣି ପରିବହନ ବିଭାଗ ବିରୋଧରେ ବ୍ଲକସ୍ତରରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କୁହାଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଅଧକ୍ଷା ଅନୀତାରାଣୀ ବେହେରା, କାଶୀନଗର ବ୍ଲକ୍ ଅଧକ୍ଷ ସି.ଏଚ୍. ସିମାଦ୍ରୀ, ପୂର୍ବତନ ନଗରପାଳ ତ୍ରିପତି ନାୟକ, ପି. କ୍ରିଷ୍ଣା, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଏମ୍.ମୂରଲୀ କ୍ରିଷ୍ଣା, ପ୍ରଶାନ୍ତ ପାଳ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଜିଲା ଭାଜପା ସଭାପତି, ଜିଲା ପରିଷଦ ଅଧକ୍ଷା ଓ ଅନ୍ୟମାନେ।

# ବିଦ୍ୟୁତ୍ ନେଲା ଜୀବନ

ବାସୁଦେବପୁର/ପଦ୍ମପୁର, ୬।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୁଡ଼ାମଣି ଘଡ଼େଇସାହିର ତୁଳସୀ ଦାସ(୩୫)ଙ୍କ ବିଦ୍ୟୁତ୍ ଆଘାତରେ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଘରେ ଲାଇଟ୍ ଜାଳିବା ପାଇଁ ପ୍ଲଗ୍ ଦେଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରୀ ମହମ୍ମଦ ହାଫିଜ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ ହୋଇଛି।

# କେ. ସୀତାପୁର ପିଇଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଭିତ୍ତିହୀନ

ପାରଳାଖେମୁଣ୍ଡି,୬।୨(ସ୍ୱ.ପ୍ର.)

ଗଜପତି ଜିଲା କାଶୀନଗର ବ୍ଲକ୍ କେ. ସୀତାପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଗଦୀଶ ପାଣିଗ୍ରାହୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିବାବେଳେ ଏହାକୁ ଖଣ୍ଡନ କରାଯାଇଛି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁ ଗୃହ ଦିଆଯାଇଥିଲା, ସେଥିରେ ପିଇଓ ଦୁର୍ନୀତି କରିଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ଠିକ୍ ସମୟରେ ଗ୍ରାମସଭା, ପଲ୍ଲୀସଭା, ଚାଉଳ ପ୍ରଦାନ ଆଦି ନ କରିବା ନେଇ ମଧ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଜିଲା ପଞ୍ଚାୟତ ଅଧିକାରୀ ବସନ୍ତ କୁମାର ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ଉକ୍ତ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଁ ଆବେଦନ ହୋଇଥିଲା। ସେମାନଙ୍କ ମଧ୍ୟରୁ କିଛି ଜଣଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଜଣେ ହିତାଧିକାରୀଙ୍କ ପୂର୍ବରୁ କୋଠାଘର ରହିଥିବା ନେଇ ଅଭିଯୋଗ ଆସିବା ପରେ ତଦନ୍ତ ପାଇଁ ଜିଲାସ୍ତରୀୟ ଅଧିକାରୀମାନେ ଯାଇଥିଲେ। ଆବାସ ଯୋଜନାରେ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାରେ ବିଳମ୍ବ ଘଟିବାରୁ ସେମାନେ ଅଭିଯୋଗ କରିଛନ୍ତି। ମାତ୍ର ପିଇଓ ସେପରି କୌଣସି ଦୁର୍ନୀତିରେ ସମ୍ପୃକ୍ତ ନ ଥିବାବେଳେ କେବଳ ଆବାସିକ ଯୋଜନା ସମ୍ପର୍କରେ ଅନୁଧାନ କରିବା ପାଇଁ ଟିମ୍ ସେଠାକୁ ଯାଇଥିବା ସେ କହିଥିଲେ। ଅନ୍ୟପକ୍ଷରେ ଏ ବିଷୟରେ ପିଇଓ ପାଣିଗ୍ରାହୀ କହିଛନ୍ତି, ୨୬ଜଣଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ କୁହାଯାଇଥିବାବେଳେ ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ଠିକ୍ କାଗଜପତ୍ର ଦେଇଥିଲେ ସେମାନଙ୍କୁ ସାମିଲ କରାଯାଇଥିଲା। ଯେଉଁମାନେ ବିଳମ୍ବରେ କାଗଜପତ୍ର ଦେଇଥିଲେ, ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୧୦ଜଣଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବିଳମ୍ବ ପାଇଁ ଅଭିଯୋଗ ହୋଇଥିଲା। ମୁଁ କୌଣସି ଦୁର୍ନୀତିରେ ଲିପ୍ତ ନାହିଁ ବୋଲି ସେ କହିଛନ୍ତି।

# ପୁଣି ଉପେକ୍ଷିତ ଗଜପତି ଜିଲା

ପାରଳାଖେମୁଣ୍ଡି,୬।୨(ସ୍ୱ.ପ୍ର.)

### ରେଳ ବଜେଟ

- ଦୟନୀୟ ଅବସ୍ଥାରେ ପାରଳାଖେମୁଣ୍ଡି ରେଳ ଷ୍ଟେଶନ
- ବଢୁନି ଟ୍ରେନ୍ ସଂଖ୍ୟା



ଚଳିତ ୨୦୨୦-୨୧ ରେଳ ବଜେଟରେ ଓଡ଼ିଶାକୁ ପୂର୍ବ ବର୍ଷ ତୁଳନାରେ କମ୍ ଅନୁଦାନ ମିଳିଛି। ଦକ୍ଷିଣ ଓଡ଼ିଶାରେ ୩ ନୂତନ ରେଳ ଲାଇନ୍ ପ୍ରସ୍ତାବ ରହିଥିଲେ ମଧ ଏଥିରେ ଗଜପତି ଜିଲାକୁ ଉପେକ୍ଷା କରାଯାଇଥିବା ଜିଲାର ବୁଦ୍ଧିଜୀବୀଙ୍କ ମଧରେ ମତପ୍ରକାଶ ପାଇଛି। ନୈପଡ଼ା ଠାରୁ ପାରଳାଖେମୁଣ୍ଡି ଦେଇ ଗୁଣୁପୁର ପର୍ଯ୍ୟନ୍ତ ରେଳଲାଇନ୍‌ରେ ୨ ପାସେଞ୍ଜର ଟ୍ରେନ୍ ଚାଲୁ ରହିଥିବାବେଳେ ସେଥିମଧରୁ ଗୋଟିଏ ଗୁଣୁପୁର-ପାରଳାଖେମୁଣ୍ଡି-ପୁରୀ ମଧରେ ଏବଂ ଅନ୍ୟଟି ଗୁଣୁପୁର-ପାରଳାଖେମୁଣ୍ଡି-ବିଶାଖାପାଟଣା ପର୍ଯ୍ୟନ୍ତ ଚଳାଚଳ କରୁଛି। ସେହିପରି ଏକମାତ୍ର ଦ୍ରୁତଗାମୀ ଟ୍ରେନ୍ 'ରାଜ୍ୟରାଣୀ ଏକ୍ସପ୍ରେସ' ପାରଳାଖେମୁଣ୍ଡି-ପଲାସା ଭାୟା ଭୁବନେଶ୍ୱର ଦେଇ ରାଉରକେଲା ପର୍ଯ୍ୟନ୍ତ ଚଳାଚଳ କରୁଛି। ଗଜପତି ଜିଲାର ଅନ୍ୟ କୌଣସି ସ୍ଥାନରେ ରେଳ ସୁବିଧା ନ ଥିବାରୁ ପାରଳାଖେମୁଣ୍ଡି ଦେଇ ଯାତାୟାତ କରୁଥିବା ଏହି ଟ୍ରେନ୍ ଗୁଡ଼ିକ ଉପରେ ସମଗ୍ର ଜିଲାବାସୀ ନିର୍ଭରଶୀଳ। ସେହିପରି ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶର ବିଭିନ୍ନ ସହର ଏବଂ ଗ୍ରାମାଞ୍ଚଳର ଜନସାଧାରଣ ମଧ ବିଭିନ୍ନ ସ୍ଥାନକୁ ଯାତାୟାତ ପାଇଁ ପାରଳାଖେମୁଣ୍ଡି ଷ୍ଟେଶନ୍ ଉପରେ ନିର୍ଭର କରିଥାନ୍ତି। ହେଲେ ପାରଳାଖେମୁଣ୍ଡିରେ ରହିଥିବା ରାଜାଙ୍କ ଅମଳର ପୁରାତନ ଷ୍ଟେଶନ୍‌ର ଅବସ୍ଥା ଦୟନୀୟ ସ୍ଥିତିରେ ରହିଛି। ବାରମ୍ବାର ବିଭିନ୍ନ ସଙ୍ଗଠନ ଏବଂ ବୁଦ୍ଧିଜୀବୀଙ୍କ ଦାବି ସତ୍ତ୍ୱେ ଚଳିତ ବଜେଟରେ ଏହି ଷ୍ଟେଶନକୁ ଅଣଦେଖା କରାଯାଇଥିବା କୁହାଯାଇଛି। ଏଠାରେ ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧିକରିବା, ପ୍ଲାଟଫର୍ମ ସୌନ୍ଦର୍ଯ୍ୟକରଣ, ପାନୀୟ ଜଳର ବ୍ୟବସ୍ଥା, ଶୌଚାଳୟ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ତେଣୁ ଚଳିତ ବଜେଟରେ ଏଥିପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯିବ ବୋଲି ଆଶା ରହିଥିଲା। ହେଲେ ଜିଲାବାସୀଙ୍କୁ ପୁଣି ନିରାଶ ହେବାକୁ ପଡ଼ିଛି। ସେହିପରି ଜିଲାର କାଶୀନଗରଠାରେ ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣି ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଛି। ଏ ନେଇ ପ୍ରତିଶ୍ରୁତି ମିଳିଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଗଜପତି ଜିଲାକୁ ସମସ୍ତ କ୍ଷେତ୍ରରେ ଅଣଦେଖା କରାଯାଉଥିବା ତାହା ସେପରି ହୋଇନାହିଁ ଏବଂ ଏହି ଷ୍ଟେଶନକୁ ଅଣଦେଖା କରାଯାଉଥିବା ନେଇ ଜିଲାବାସୀ ଏବଂ ବୁଦ୍ଧିଜୀବୀଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଚଳିତ ରେଳ ବଜେଟକୁ ନେଇ କେତେକ ବୁଦ୍ଧିଜୀବୀ ନିଜ ପ୍ରତିକ୍ରିୟା ରଖିଛନ୍ତି।

### ଏମାନେ କୁହନ୍ତି...




"ବିଭିନ୍ନ ରାଜ୍ୟ ପାଇଁ ସରକାର ରେଳବାଇ କ୍ଷେତ୍ରରେ ଉନ୍ନତୀକରଣ ପାଇଁ ଅର୍ଥରାଶି ଘୋଷଣା କରିଛନ୍ତି। ଓଡ଼ିଶାକୁ ଏଥିରେ କମ୍ ଅନୁଦାନ ମିଳିଛି। ବିଶେଷକରି ଗଜପତି ଜିଲା ତଥା ପାରଳାଖେମୁଣ୍ଡି ଷ୍ଟେଶନର ଉନ୍ନତୀକରଣ ଦାବିକୁ ବଜେଟରେ ଉପେକ୍ଷା କରାଯାଇଛି।

**ସନ୍ତୋଷ ପଟ୍ଟନାୟକ, ସାମାଜିକ କର୍ମୀ**



"ଏହି ବଜେଟରେ ସବୁଥର ଭଳି ଗଜପତି ଜିଲାକୁ ପୁଣି ନିରାଶ କରିଛି। ପାରଳାଖେମୁଣ୍ଡି ଷ୍ଟେଶନର ଉନ୍ନତୀକରଣ ଏବଂ ଅନ୍ୟ ଟ୍ରେନ୍ ଗୁଡ଼ିକ ଜିଲାରେ ରହଣି ପାଇଁ ଦାବି ରହିଥିଲେ ମଧ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି।

**ବି. ପ୍ରବୀଣ, ଆଇନଜୀବୀ**



"ପାରଳାଖେମୁଣ୍ଡି ବିଧାୟକ ଭାଜପା ଦଳକୁ ପ୍ରତିନିଧିତ୍ୱ କରୁଥିବାରୁ ଏହି ରେଳ ଷ୍ଟେଶନର ଉନ୍ନତିକରଣ ନେଇ ଜିଲାବାସୀ ଆଶାବାଦୀ ଥିଲେ। ମାତ୍ର ତାହା ଦେଖିବାକୁ ମିଳିଲାନି।

**ବିଭୂତି ନାୟକ, ପୂର୍ବତନ କାଉନ୍‌ସିଲର**



"ରେଳ ବଜେଟ ଯାହାବି ହେଉ, ଗଜପତି ଜିଲାବାସୀ ଗମନା ଗମନ ପାଇଁ ନିର୍ଭର କରୁଥିବା ଷ୍ଟେଶନକୁ ଉପେକ୍ଷା କରାଯାଇଛି। ଏହା ହିଁ ଆଲୋଚନା ଏବଂ ଚର୍ଚ୍ଚାର ବିଷୟ।

**ସନ୍ତୋଷ ସାହୁ, ବ୍ୟବସାୟୀ**

## ସଂକ୍ଷେପରେ

### ଝିଅକୁ ବଳାତ୍କାର କରି ବାପା ଗିରଫ

ସୁନାବେଡ଼ା,୬।୨: ସୁନାବେଡ଼ାସ୍ଥିତ ରାଜୀବ କଲୋନୀର ଜଣେ ୫୦ ବର୍ଷୀୟ ବ୍ୟକ୍ତି ନିଜ ଝିଅକୁ ବଳାତ୍କାର କରି ଗିରଫ ହୋଇଛନ୍ତି। ପୀଡ଼ିତା ଝିଅ ନବମ ଶ୍ରେଣୀର ଛାତ୍ରୀ ଏବଂ ଅଭିଯୁକ୍ତ ବାପା ତାଙ୍କ ସହ ପ୍ରାୟ ଏକ ବର୍ଷ ହେବ ଅନୈତିକ ସମ୍ପର୍କ ରଖିଆସୁଥିଲେ। ୩ ଦିନ ତଳେ ପୀଡ଼ିତାଙ୍କୁ ପୁଣି ବଳାତ୍କାର କରୁଥିବା ବେଳେ ଅଭିଯୁକ୍ତଙ୍କୁ ତାଙ୍କ ସାନଝିଅ ଦେଖିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବାପା ତାଙ୍କୁ ମାରିଦେବେ ବୋଲି ଧମକ ଦେଇଥିଲ। କିନ୍ତୁ ସାନଝିଅ ଏହି ଘଟଣା ପରଦିନ ନିଜ ମାଆଙ୍କୁ ସବୁକଥା ଜଣାଇଥିଲେ। ଅଭିଯୁକ୍ତଙ୍କ ସ୍ତ୍ରୀ ବୁଧବାର ସନ୍ଧ୍ୟାରେ ସ୍ୱାମୀଙ୍କ ବିରୋଧରେ ସୁନାବେଡ଼ା ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଏହାକୁ ଭିତ୍ତିକରି ସୁନାବେଡ଼ା ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଥିବା ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ସୁନାବେଡ଼ା ଥାନା କେସ୍ ନମ୍ବର ୧୯/୨୦ରେ ମାମଲା ରୁଜୁ କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିବ।

### ରିଲିଫ ପାଣ୍ଠିରୁ ଶିଶୁ ଭବନକୁ ମିଳିଲା ସାମଗ୍ରୀ



ଜୟପୁର,୬।୨(ଡି.ଏନ୍.ଏ.): ମୋ' ସରକାର ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜୟପୁରସ୍ଥିତ ସରକାରୀ ଶିଶୁ ଭବନକୁ ୩ ଲକ୍ଷ ଟଙ୍କାର ସାମଗ୍ରୀ ପ୍ରଦାନ କରାଯାଇଛି। ଏଥିରେ ଗୋଟିଏ ଫ୍ରିଜ, ୱାସିଂ ମେଶିନ, ୨ଟି ଇନର୍ଭଟର ଓ ବ୍ୟାଟେରି, ୬ ସିଟ୍‌ବିଶିଷ୍ଟ ୨ଟି ଡାଇନିଂ ଟେବୁଲ, ଗ୍ରାଇଣ୍ଡର, ପ୍ରେସର କୁକର, ୱାଟର ଫିଲ୍ଟର, ୧୮ଟି ଲୁହା ଖଟ ଦିଆଯାଇଛି। ଗୁରୁବାର ଜିଲା ଜରୁରିକାଳୀନ ଅଧିକାରୀ ସିର୍ଦ୍ଧାଥ ପଟ୍ଟନାୟକ, ଜୟପୁର ସହକାରୀ ଜିଲାପାଳ ଜ୍ୟୋତିରାଣୀ ରଥ, ସ୍ନିଗ୍ଧାରାଣୀ ପଲାଇ ଶିଶୁ ଭବନ ପହଞ୍ଚି ସାମଗ୍ରୀର ତଦାରଖ କରିବା ସହ ଏହାକୁ ସ୍ଥାପନ ପାଇଁ ଶିଶୁ ଭବନର ଇନଚାର୍ଜ ଲିଙ୍ଗରାଜ ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ମୋ ସରକାର ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜିଲାକୁ ୧୦ଲକ୍ଷ ଟଙ୍କା ଦିଆଯାଇଥିଲା। ଜିଲା ଜରୁରିକାଳନୀ ବିଭାଗ ପକ୍ଷରୁ ୧୩ଟି ଶିଶୁ ଭବନ, ବୃଦ୍ଧାଶ୍ରମକୁ ଏହିପରି ସାମଗ୍ରୀ ଦିଆଯାଇଛି।

# ଜବରଦଖଲରେ ଜଳସେଚନ ବିଭାଗ ଜମି

■ ୧୦ ହଜାର ଟଙ୍କାରେ ମାଫିଆମାନେ ଦୋକାନ ପାଇଁ ବିକ୍ରି କରୁଛନ୍ତି

ଜୟପୁର,୬।୨(ଡି.ଏନ୍.ଏ.)

ଜୟପୁର ସହରର ଗାନ୍ଧିଛକରୁ ମାଲକାନଗିରିକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ କୋଲାବ ଇରିଗେସନ ବିଭାଗର କେନାଲ ପାର୍ଶ୍ୱ ଜମି ଏବେ ଜବରଦଖଲରେ ରହିଛି। ମାଫିଆମାନେ ଏହାକୁ ଅକ୍ତିଆର କରି ଦୋକାନ, ମନ୍ଦିର ଓ ଗୋଶାଳା ନିର୍ମାଣ କରିଥିବା ଯୋଗୁ ରାଜପଥ ସଙ୍କୀର୍ଣ୍ଣ ହେବା ସହ ଯାତାୟାତରେ ସମସ୍ୟା ହେଉଛି। କେତେକ ମାଫିଆ ଓ ଗୁଣ୍ଡାଶ୍ରେଣୀର ଲୋକେ ୧୦ ହଜାର ଟଙ୍କାରେ ଉକ୍ତ ଜମିକୁ ଦୋକାନୀଙ୍କୁ ବିକ୍ରି କରୁଛନ୍ତି। କେନାଲ ପ୍ରତି ବିପଦ ଥିବାବେଳେ ଏହା ପାର୍ଶ୍ୱ ସଫେଇ କରିବାରେ ସମସ୍ୟା, ଆବର୍ଜନା ପାଣି କେନାଲରେ ପଶିବା ସହ ଚାଷ ଓ ଲୋକଙ୍କ ଗାଧୁଆ ପାଇଁ ବ୍ୟବହୃତ ପାଣି ବିଷାକ୍ତ ହେବାର ଆଶଙ୍କା ରହିଛି।



ଜୟପୁର ଗାନ୍ଧୀଛକ -ପୁରୁଣାଗଡ଼ ରାଜପଥ ପାର୍ଶ୍ୱରେ ଜବରଦଖଲ ।

ଜବରଦଖଲ ଉଚ୍ଛେଦ ପ୍ରଶାସନର ମୁଖ୍ୟ ଦାୟିତ୍ୱ। ଜଳସେଚନ ବିଭାଗ ଜିଲା ପ୍ରଶାସନକୁ ଏଥିରେ ସହାୟତା ଦେବା ଜରୁରୀ। ଉପଜିଲାପାଳ ଏନେଇ ବିଭାଗକୁ ବାରମ୍ବାର ଚିଠି କରିଛନ୍ତି। କିନ୍ତୁ ଜଳସେଚନ କିଛି ପଦକ୍ଷେପ ନେଉ ନ ଥିବା ସନ୍ଦେହ ସୃଷ୍ଟି କରିଛି। ଜବରଦଖଲ ଉଚ୍ଛେଦ ସହ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରୁଛନ୍ତି। ଉକ୍ତ ରାସ୍ତା ପୂର୍ବରୁ ଇରିଗେସନ ବିଭାଗର ଅଧୀନରେ ଥିଲା। ୨୦୧୩ରେ ଏହି ରାସ୍ତାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହାର ନିର୍ମାଣ ସରିବା ପରେ ଜୟପୁର-ମାଲକାନଗିରି ରାସ୍ତାକୁ ୩୨୬ ନମ୍ବର ଜାତୀୟ ରାଜପଥ ଘୋଷଣା କରାଯିବା ସହ ଜାତୀୟ ରାଜପଥ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ରାସ୍ତା ଦେଇ ଦୈନିକ ୫ଶହରୁ ଅଧିକ ଭାରୀଯାନ, ଚାରିଚକିଆ ଓ ଅନ୍ୟ ଗାଡ଼ି ଯାତାୟତ କରୁଛି। କିନ୍ତୁ କେନାଲ ପାର୍ଶ୍ୱ ଜମିକୁ ଗ୍ୟାରେଜ, ହୋଟେଲ ଭଳି ଦୋକାନ, ଗୋଶାଳା ଓ ମନ୍ଦିର ନାମରେ ଜବରଦଖଲ କରି ରଖାଯାଇଛି। ଫଳରେ ଗ୍ୟାରେଜ ମରାମତି ନାମରେ ରାସ୍ତା ଉପରେ ଭାରୀଯାନ ଦିନ ସାରା ଅଟକି ରହିବା ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଉପଜିଲାପାଳ ଲୋକନାଥ ଦଳବେହେରା କହିଛନ୍ତି, ଇରିଗେସନ ବିଭାଗ ପକ୍ଷରୁ ଏନେଇ ଆବେଦନ କରାଗଲେ ପ୍ରଶାସନ ଓ ପୋଲିସ ତୁରନ୍ତ ଜବରଦଖଲ ପାଇଁ ସହାୟତା ଦେବ। ଏ ସମ୍ପର୍କରେ ଇରିଗେସନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।

# ୮ ସ୍କୁଲକୁ ଗାରିମା ରୌପ୍ୟ ପଦକ

ବୋରିଗୁମ୍ମା,୬।୨(ଡି.ଏନ୍.ଏ.)

**ବୋରିଗୁମ୍ମା ବ୍ଲକ**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ୮ଟି ବିଦ୍ୟାଳୟକୁ ଗାରିମା ରୌପ୍ୟ ପଦକ ମିଳିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ପରୀକ୍ଷା ଆୟୋଜନ କରିଛି। ସେହି ବିଦ୍ୟାଳୟଗୁଡ଼ିକ ହେଲା ବଡ଼ ନାୟକଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବ୍ଲକ କଲୋନୀ ସ୍କୁଲ, ଖଟଲୁଗୁଡ଼ା ବିଦ୍ୟାଳୟ, ଭୈରବ ମାର୍ଗ, ସାନ ମାଝୀଗୁଡ଼ା ବିଦ୍ୟାଳୟ, ମୁଦୁଲିଗୁଡ଼ା ବିଦ୍ୟାଳୟ, ପାଙ୍ଗିଗୁଡ଼ା ବିଦ୍ୟାଳୟ ଓ ଭିତରବଡ଼ି ବିଦ୍ୟାଳୟ। ବ୍ଲକ ଗୋଷ୍ଠୀ କାର୍ଯ୍ୟାଳୟରେ ୮ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏହି ଗାରିମାର ରୌପ୍ୟ ପଦକ ପ୍ରଦାନ କରାଯାଇଛି। ବିଇଓ କୃଷ୍ଣଚନ୍ଦ୍ର ନାୟକ, ଏବିଇଓ ଶତ୍ରୁଘ୍ନ ଖଣ୍ଡା, ଏବିଇଓ ସୁବାସ ମାଝୀ, ଏବିଇଓ ଭଗବାନ ମାଝୀ ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଗାରିମା ପ୍ରମାଣପତ୍ର ବଣ୍ଟନ କରିଛନ୍ତି। ପୁରସ୍କାର ପାଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ହେଲେ ଏନ୍. କାମେଶ୍ୱର ରାଓ, ପବିତ୍ର ମୋହନ ଦାସ, ମହେନ୍ଦ୍ର ତ୍ରିପାଠୀ, ଗୋରୀମଣି ନାୟକ, ଧନ ନାୟକ, ନଳିନୀ ଖୋସଲା, ବଳରାମ ମାଝୀ ଓ ରାଧାମଣି ଦାସ। ପୁରସ୍କାର ପ୍ରଦାନ ସମୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ ସିଆରସିସି ଉପସ୍ଥିତ ଥିଲେ।



ପଦକ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକମାନେ ।

# ଲକ୍ଷାଧିକ ଟଙ୍କାର ବେଆଇନ ଔଷଧ ଜବତ

**୨ ବ୍ୟବସାୟୀ ଗିରଫ**

ସୁନାବେଡ଼ା/ଦାମନଯୋଡ଼ି, ୬।୨(ଡି.ଏନ୍.ଏ.)

ସୁନାବେଡ଼ା ଓ ଦାମନଯୋଡ଼ି ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ନିଶା ଔଷଧ ବିକ୍ରି ଚାଲିଥିବା ଖବର ପାଇ ସୁନାବେଡା ପୋଲିସ ଚଢ଼ାଉ କରିଛି। ପ୍ରଥମେ ଜୟପୁର ଡ୍ରଗ୍ ଇନ୍ସପେକ୍ଟରଙ୍କୁ ଅବଗତ କରି ସେମାନଙ୍କ ସହ ମିଳିତ ଭାବେ ପୋଲିସ ଚଢ଼ାଉ କରିଛି। ସୁନାବେଡ଼ା ଥାନା ଅନ୍ତର୍ଗତ ଭେଜାପୁଟ ଅଞ୍ଚଳରେ ଥିବା ଚରକ ମେଡିସିନ ଷ୍ଟୋରରୁ ବିନା ଲାଇସେନ୍ସରେ ବିକ୍ରି ହେଉଥିବା ବିପୁଳ ପରିମାଣର ଔଷଧ, ଇଞ୍ଜେକ୍ସନ, କଫ୍ ସିରପ୍ ଜବତ ହୋଇଛି। ଏହାର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏଥିରେ ଦୋକାନ ମାଲିକ କୃତିବାସ ପାତ୍ରଙ୍କୁ ଗିରଫ କରାଯାଇଥିବା ଖବରଦାତା ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା କହିଛନ୍ତି।

ସୂଚନା ଅନୁଯାୟୀ, ପାଣ୍ଟା ଜୋସିନ ଇଞ୍ଜେକ୍ସନ ଓ ନାଇଟ୍ରୋଜେନ ୧୦ ଟାବଲେଟ, ଯାହା ଏନ୍‌ଡିପିଏସ୍ ଆକ୍ଟ ଅନ୍ତର୍ଭୁକ୍ତ ଥିବାବେଳେ ଏହାର ବିକ୍ରି ଡ୍ରଗ୍ ଓ କସମେଟିକ୍ ଆକ୍ଟ ଅନୁସାରେ ବେଆଇନ।



ଜବତ ହୋଇଥିବା ଔଷଧ ।

ତେଣୁ ନିଶା ଔଷଧ, ଇଞ୍ଜେକ୍ସନ, କଫ ସିରପକୁ ପୋଲିସ ଜବତ କରିଛି। ଏ ନେଇ ସୁନାବେଡ଼ା ଥାନାରେ କେସ୍ ନମ୍ବର ୧୮/୨୦ରେ ମାମଲା ରୁଜୁ କରାଯାଇଛି। ଏହିଭଳି ବେଆଇନ ନିଶା ଔଷଧ ବିକ୍ରିରେ ଦାମନଯୋଡ଼ି ଥାନା ଅନ୍ତର୍ଗତ ମାଥାଲପୁଟ ଅଞ୍ଚଳରେ ନିଜ ଘରେ ହୋମିଓପାଥି ଔଷଧରେ କଫ ସିରପ ବିକ୍ରି କରୁଥିବା ମନୋଜ ବାଡ଼ତ୍ୟାଙ୍କୁ ଦାମନଯୋଡ଼ି ପୋଲିସ ଗିରଫ କରିଛି। ଦାମନଯୋଡ଼ି ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଔଷଧ ଜବତ କରିଛି। ଜବତ ହୋଇଥିବା ମେଡିସିନରେ ଆଲକହଲ ପରିମାଣ ୪୫ ପ୍ରତିଶତରୁ ଅଧିକ ରହୁଥିବାରୁ ଏହାର ବିକ୍ରି ପାଇଁ ସ୍ୱତନ୍ତ୍ର ଲାଇସେନ୍ସ ରହିବା ଦରକାର। କିନ୍ତୁ ଅଭିଯୁକ୍ତ ଜଣକ ବିନା ଲାଇସେନ୍ସରେ ଏହାକୁ ବିକ୍ରି କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଦାମନଯୋଡ଼ି ଥାନାରେ କେସ ନମ୍ବର ୧୨/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଏହି ବେଆଇନ କାରବାରରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ।

## ପେଟ୍ରୋଲରେ ମିଶାଯାଉଛି ପାଣି

### ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ସେମିଳିଗୁଡ଼ା,୬।୨(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ସହର ଟ୍ରାଫିକ ଛକ ନିକଟରେ ଥିବା ପେଟ୍ରୋଲ ପମ୍ପରେ ପେଟ୍ରୋଲରେ ପାଣି ମିଶ୍ରଣ କରାଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କେତେକ ବ୍ୟକ୍ତି ଉକ୍ତ ପେଟ୍ରୋଲ ପମ୍ପରେ ନିଜ ଦୁଇ ଚକିଆ ଗାଡ଼ିରେ ପେଟ୍ରୋଲ ପକେଇ କିଛି ବାଟ ଗାଡ଼ି ଚଳାଇବା ପରେ ତାହା ବନ୍ଦ ହୋଇଯାଇଥିଲା। ଏହା ପରେ ମେକାନିକ ପାଖକୁ ଯାଇ ଗାଡ଼ି ଚେକ କରିବା ବେଳେ ପେଟ୍ରୋଲରେ ପାଣି ମିଶିଥିବା ଜଣାପଡ଼ିଥିଲା। ଉକ୍ତ ପେଟ୍ରୋଲ ପମ୍ପରେ କିଛି ଦିନ ଧରି ଏଭଳି ଅପମିଶ୍ରଣ ଚାଲିଥିବା ନେଇ ହିତାଧିକାରୀଙ୍କ ତରଫରୁ ବାରମ୍ବାର ଅଭିଯୋଗ ହୋଇଆସୁଛି। କିନ୍ତୁ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ସୋସିଆଲ ମିଡିଆରେ ଏହି ଖବର ପ୍ରସାରିତ ହେବା ପରେ ପ୍ରଶାସନିକ ସ୍ତରରେ ନିଦ୍ରା ଭଙ୍ଗ ହେବା ସହ ପେଟ୍ରୋଲ ପମ୍ପରୁ ନମୁନା ସଂଗ୍ରହ କରିବା ପାଇଁ ସେମିଳିଗୁଡ଼ା ତହସିଲଦାର, ସେମିଳିଗୁଡ଼ା ଥାନା ଅଧିକାରୀ, ଖାଦ୍ୟ ଓ ଯୋଗାଣ ବିଭାଗ ଅଧିକାରୀ ମିଳିତ ଭାବେ ପଦକ୍ଷେପ ନେଇଛନ୍ତି।



# ବିଧାୟକଙ୍କ ଚିଠି ସତ୍ତ୍ୱେ ଶୁଣୁନାହାନ୍ତି ସାଉଥ୍‌କୋ ଯନ୍ତ୍ରୀ

**ରାସ୍ତା ମିଝରେ ବିଦ୍ୟୁତ୍ ଖୁଣ୍ଟ**

କୋଲାବନଗର,୬।୨(ଡି.ଏନ୍.ଏ.)



କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ଦେବୀଘାଟ ପଞ୍ଚାୟତ ଓ ଜୟପୁର ବ୍ଲକ ବାରିଣୀପୁଟ ପଞ୍ଚାୟତର ମଧ୍ୟ ଭାଗରେ ଅବସ୍ଥିତ ଧଉଡ଼ାପଦର ଗ୍ରାମ । ଏହି ଗ୍ରାମଠାରୁ ବାରିଣିପୁଟ ଡୁମୁରିପଦର ଗ୍ରାମ ପର୍ଯ୍ୟନ୍ତ ୬ କି.ମି. ପିଚୁ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯିବାକୁ ୨୦୧୭-୧୮ ବର୍ଷରେ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଜଣେ ଠିକାଦାରଙ୍କୁ ଟେଣ୍ଡର ଦିଆଯିବା ସହ କାର୍ଯ୍ୟ ତଦାରଖ ପାଇଁ ଜୟପୁର ଆର୍‌ଡି ଡିଭିଜନକୁ ଦାୟିତ୍ୱ ଦିଆଯାଇଛି । ଉକ୍ତ ରାସ୍ତା ଉପରେ ୨ ପଞ୍ଚାୟତର ୧୫ ଖଣ୍ଡ ଗ୍ରାମବାସୀ ନିର୍ଭର କରନ୍ତି। କିନ୍ତୁ ସାଉଥ୍‌କୋ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ପୋତି ଦେଇଥିବାରୁ ଏବେ ଠିକାଦାର ନିର୍ମାଣ କାର୍ଯ୍ୟ କରିପାରୁ ନାହାନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଏନେଇ ଅବଗତ କରାଯିବା ପରେ ସେ ଗତ ଅକ୍ଟୋବରରେ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀଙ୍କୁ ଖୁଣ୍ଟଗୁଡିକ ତୁରନ୍ତ ରାସ୍ତାରୁ ଉଠାଇବା ପାଇଁ ଚିଠି କରିଥିଲେ। ଏହାର ୪ମାସ ବିତିଯାଇଥିଲେ ମଧ୍ୟ ଖୁଣ୍ଟଗୁଡ଼ିକ ଉଠିନାହିଁ। ଫଳରେ ରାସ୍ତାକାମ ବିଳମ୍ବ ହେଉଛି । ଏ ବାବଦରେ ୨୦୧୯ ନଭେମ୍ବରରେ ସାଉଥ୍‌କୋର ଅବ୍ୟବସ୍ଥା ବାବଦରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଉଥ୍‌କୋ ଜୟପୁର ଜୋନ୍ ନିର୍ବାହୀ ଯନ୍ତ୍ରୀ ନିଜେ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଠିକାଦାରଙ୍କୁ କହିଥିଲେ ମଧ ତାହା ହୋଇନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ଦାବି କରିଛନ୍ତି ନୂଆପୁକି ଗ୍ରାମର ସଦନ ଜାନି, ଲଖଣ ଖିଲ, ଚଇତନ ଜାନି, ରତି ମୁଦୁଲି, ଲକ୍ଷଣ ମୁଦୁଲି, ବାଘ୍ରା ଗ୍ରାମର ଜର କରଙ୍ଗିଆ, ସହଦେବ ଜାନି, ହରି ଜାନି, ନିଳାମ୍ବର ଖିଲ, ଜୟରାମ ଖିଲ, ଭକ୍ତରାମ ଖିଲ, ଡୁମୁରିପଦର ଗ୍ରାମର ପତି ମୁଦୁଲି, କମନ ଜାନି, ନୀଳକଣ୍ଠ ଜାନି।

# ଆମ୍ବାଗୁଡ଼ା ଫାଣ୍ଡି ଅଧିକାରୀ ନିଲମ୍ବିତ



ଜୟପୁର,୬।୨(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସଦରଥାନା ଆମ୍ବାଗୁଡ଼ା ଫାଣ୍ଡି ଅଧିକାରୀଙ୍କୁ ଜିଲା ଏସ୍‌ପି କାର୍ଯ୍ୟରୁ ଗୁରବାର ନିଲମ୍ବିତ କରିଛନ୍ତି । ଫାଣ୍ଡି ଅଧିକାରୀ ଏସ୍‌ପି ନାରାୟଣ ପଟ୍ଟନାୟକଙ୍କ ବିରୋଧରେ ମୋ ସରକାର ତଥା ୫-ଟିରେ ଅଭିଯୋଗ ହୋଇଥିଲା। ଏନେଇ ଜିଲା ଏସ୍‌ପି ମୁକେଶ କୁମାର ଭାମୋ ତାଙ୍କ ଟୁଇଟର ମାଧ୍ୟମରେ ସୂଚନା ଦେଇଛନ୍ତି । ସେହିପରି ଅଭିଯୋଗରେ ପ୍ରକୃତ ତଥ୍ୟ ପ୍ରକାଶ କରାଯାଇ ନ ଥିଲେ ସୁଦ୍ଧା ତାଙ୍କର ବିରୋଧରେ ଦୁର୍ନୀତି ଓ କାର୍ଯ୍ୟରେ ଅବହେଳା ନେଇ ମୋ ସରକାରଙ୍କ ନିକଟରେ ଫୋନ ମାଧ୍ୟମରେ ଅଭିଯୋଗ ହୋଇଥିଲା। ଏନେଇ ଏସ୍‌ପିଙ୍କୁ ମୋ ସରକାରଙ୍କ ପକ୍ଷରୁ ଅବଗତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଫାଣ୍ଡି ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି ।

## ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା

# କୋରାପୁଟ ଜିଲାକୁ ୧୯ ପଦକ

ଜୟପୁର,୬।୨(ଡି.ଏନ୍.ଏ.)

ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଶାଖପାଟଣା ସହରରେ ଅନୁଷ୍ଠିତ ୪ର୍ଥ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ କୋରାପୁଟ ଜିଲାର ଖେଳାଳିମାନେ ୧୯ଟି ପଦକ ହାତେଇଛନ୍ତି। ଗତ ଜାନୁୟାରୀ ୩୧ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ କୋରାପୁଟ ଜିଲାର ଧାମିକ କାଇ ଏକାଡେମୀ ପକ୍ଷରୁ ୧୧ ଜଣ ଖେଳାଳି ଭାଗ ନେଇଥିଲେ। ଏଥିରୁ ବାଳିକା ବର୍ଗରେ କୋରାପୁଟର ଅସୀମା ପ୍ରିୟଦର୍ଶିନୀ ସେଠୀ କାଟା ଏବଂ କୁମିତେରେ ବ୍ରୋଞ୍ଜ ପଦକ, ସୁହାନୀ କାର୍ଜି କାଟାରେ ରୌପ୍ୟ, କୁମିତେରେ ସ୍ୱର୍ଣ୍ଣ, କୋଟପାଡ଼ ବ୍ଲକର ପିଙ୍କି ହରିଜନ କୁମିତେରେ ରୌପ୍ୟ, କାଟାରେ କାଂସ୍ୟ, ତନିଷା ସାହୁ କାଟାରେ ସ୍ୱର୍ଣ୍ଣ, କୁମିତେରେ ରୌପ୍ୟ, ବାଳକ ବିଭାଗରେ ଯଜ୍ଞ ବିଭୂତି ନାୟକ କାଟାରେ ରୌପ୍ୟ ଓ କୁମିତେରେ ସ୍ୱର୍ଣ୍ଣ, ରୋହନ ସାହୁ କୁମିତେରେ ସ୍ୱର୍ଣ୍ଣ ଏବଂ କାଟାରେ କାଂସ୍ୟ, ରବିନ ବାଖ୍ୟା କାଟାରେ ସ୍ୱର୍ଣ୍ଣ ଓ କୁମିତେରେ ରୌପ୍ୟ ପାଇଛନ୍ତି। ସେହିପରି ବରିଷ୍ଠରେ ବୈପାରୀଗୁଡ଼ାର ଚିତ୍ତରଞ୍ଜନ ତନ୍ତି ଉଭୟରେ କାଂସ୍ୟ, ଆସିଫ ପାଙ୍ଗି କୁମିତେରେ କାଂସ୍ୟ ଏବଂ କୋଟପାଡ଼ର ପୂର୍ଣ୍ଣ ହରିଜନ କୁମିତେରେ କାଂସ୍ୟ ପଦକ ପାଇଛନ୍ତି । ଏଥିରେ ପ୍ରଶିକ୍ଷକ ଭାବେ ଜଗଦିଶ ରାଓ, ମ୍ୟାନେଜର ଏକାଦଶୀ ବେହେରା ଯୋଗ ଦେଇଥିବା ଏକାଡେମୀର ସଂପାଦକ ଯୋଗେଶ୍ୱର ବେହେରା କହିଛନ୍ତି।



ପଦକ ପାଇଥିବା ଖେଳାଳିମାନେ ।

# ଶୀତରେ ଜଳ ସଙ୍କଟ, ଗାଡ଼ପାଣି ଭରସା

■ ସୋଲାର ଟାଙ୍କି ପାଇଁ ଦାବି କଲେ ପାଇକ ଫୁଲବେଡ଼ା ପଞ୍ଚାୟତ ବାସିନ୍ଦା

ଦଶମନ୍ତପୁର,୬।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତରେ ଶୀତଦିନରେ ମଧ ଲାଗିରହିଛି ପାନୀୟ ଜଳ ସଂକଟ। ଏହି ଗ୍ରାମରେ ମାଳି ସଂପ୍ରଦାୟର ୨୭ ପରିବାର ବସବାସ କରନ୍ତି। ଗ୍ରାମରେ ଅଛି ମାତ୍ର ଗୋଟିଏ ନଳକୂପ ଏବଂ ବିଦ୍ୟାଳୟରେ ଗୋଟିଏ। ଗାଁର ନଳକୂପରୁ କିଛି ହାଣ୍ଡି ଜଳ ସଂଗ୍ରହ କରିବା ପରେ ତାହା ଅଚଳ ହୋଇପଡୁଥିବା ଦେଖିବାକୁ ମିଳିଛି। ଗାଁ ଲୋକେ ନିକଟସ୍ଥ ବିଦ୍ୟାଳୟର ନଳକୂପକୁ ନିର୍ଭର କଲେ ସେଠି ପ୍ରେତ୍ୟକ ଦିନ ପାଣି ନେବା ପାଇଁ ଟଣାଓଟରା ହେଉଛି। ପଞ୍ଚାୟତର ସରପଞ୍ଚଙ୍କଠାରୁ ଆରମ୍ଭ କରି ପଲ୍ଲି ଓ ଗ୍ରାମସଭା, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ଓ ବ୍ଲକ ପ୍ରଶାସନକୁ ମଧ ବହୁବାର ଗୁହାରି କରି ନିରାଶ ହୋଇ ଫେରିବାକୁ ପଡୁଛି। କିନ୍ତୁ ଏଯାବତ୍ ଗୁହାରି କେହି ଶୁଣୁନାହାନ୍ତି ବୋଲି ଗ୍ରାମର ଗଉରା ମାଳି, ଯମୁନା ମାଳି, ଘସା ମାଳି, ସନ୍ତୋଷୀ ମାଳି, ରୁଦୁ, ରଙ୍ଗବତୀ, ଦସ୍ତୁ ମାଳି ଅଭିଯୋଗ କରିଛନ୍ତି।



ମହିଳାମାନେ ଗାଡ଼ରୁ ପାଣି ସଂଗ୍ରହ କରି ନେଉଛନ୍ତି ।

ଗାଁଠାରୁ ଜଙ୍ଗଲି ବାଟ ଦେଇଯାଉଥିବା ବିଶାଳି ଗାଡ଼ ଝରଣାକୁ ଯାଇ ଗାଁର ମହିଳାମାନେ ଜଳ ସଂଗ୍ରହ କରୁଥିବା କହିଛନ୍ତି। ପୂର୍ବରୁ ଏଭଳି ଗାଡ଼ର ପାଣି ପିଇ ଗାଁର ଲୋକେ ଅନେକ ରୋଗରେ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ସେମାନଙ୍କ କଥା କେହି ନ ଶୁଣିବାରୁ ବାଧହୋଇ ସେମାନେ ଏଭଳି ଜଳ ବ୍ୟବହାର କରୁଥିବା କ୍ଷୋଭଭରା କଣ୍ଠରେ କହିଛନ୍ତି। ଗାଁରେ ଗୋଟିଏ ସୋଲାର ଟାଙ୍କିର ବ୍ୟବସ୍ଥା କଲେ ପାନୀୟ ଜଳ ସଂକଟ ଦୂର ହୋଇପାରନ୍ତା ବୋଲି ଗ୍ରାମର ଚିତ୍ରସେନ ମାଳି, ଚନ୍ଦ୍ର ମାଳି, ବଳରାମ ମାଳି, ଘନ ମାଳି, ହିରନ ମାଳି, ଡଙ୍ଗରୁ ଧର ମାଳି ଦାବି କରିଛନ୍ତି। ନଚେତ୍ ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ-୨ ଏସ୍.ଏ. କୁରେସିଙ୍କୁ ଯୋଗାଯୋଗ କରିବାରୁ ସେ ଗୋଟିଏ ଗାଡ଼ି ଯୋଗୁ ପ୍ରତ୍ୟେକ ଗାଁ ବୁଝିବା ଆମ ପକ୍ଷରେ ଅସମ୍ଭବ ବୋଲି କହିଛନ୍ତି। କିନ୍ତୁ ଏନେଇ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ମଧ ଦେଇଛନ୍ତି।

